# ବାଲିମାଫିଆଙ୍କ କବଳରେ ସେକସରାଇ ଗାଁ

ଜଳେଶ୍ୱର, ୧।୨ (ସମିସ)



ସୁବର୍ଣ୍ଣରେଖା ନଦୀର ବିଭିନ୍ନ ସ୍ଥାନରୁ ବେଆଇନ୍, ବେଧଡକ୍ ବାଲି ଉତ୍ତୋଳନ କରି ବାଲି ମାଫିଆମାନେ ମାଲେମାଲ ହେଉଥିବାବେଳେ ଜଳେଶ୍ୱର ଥାନା ଅନ୍ତର୍ଗତ ସେକସରାଇ ଗ୍ରାମର ସୁରକ୍ଷାଲାଗି ପ୍ରଶାସନକୁ ବାରମ୍ବାର ଜଣାଇ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଶେଷରେ ଗ୍ରାମବାସୀ ଜାତୀୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୨ଦିନ ତଳେ କମିଶନର ବାଲେଶ୍ୱର ଏସ୍‌ପିଙ୍କୁ ଏଥିନେଇ ତାଗିଦ୍ କରିବା ସହ ଗାଁର ସୁରକ୍ଷା ଓ ବାଲିମାଫିଆଙ୍କ କବଳରୁ ଅଭିଯୋଗକାରୀଙ୍କୁ ସୁରକ୍ଷା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୁବର୍ଣ୍ଣରେଖା ନଦୀ ପଶ୍ଚିମବଙ୍ଗ ସୀମାରୁ ୬୨ କି.ମି ପ୍ରବାହିତ ଭୋଗରାଇର କୀର୍ତ୍ତନୀୟା ଓ ବାଲିଆପାଳର ଆମ୍ବୁଆଠାରେ ବଙ୍ଗୋପସାଗରକୁ ଛୁଇଁଛି। ଏଥିମଧ୍ୟରେ ଜଳେଶ୍ୱର, ରାସଗୋବିନ୍ଦପୁର, ବସ୍ତା, ଭୋଗରାଇ ଓ ବାଲିଆପାଳ ବ୍ଲକ ସୀମାଦେଇ ଗତି କରୁଛି। ଜଳେଶ୍ୱର ତହସିଲରେ ପ୍ରାୟ ୨୬ କି.ମି. ଗତି କରୁଥିବା ବେଳେ ବିଭିନ୍ନ ସ୍ଥାନରୁ ବେଆଇନ୍ ବାଲି ଉତ୍ତୋଳନ ହୋଇ ଆସୁଛି। ବାଲି ବେଆଇନ୍ ଉତ୍ତୋଳନ ବେଳେ ପରିବେଶ, ଖଣି, ଜଂଗଲ, ରାଜସ୍ୱ ବିଭାଗ ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହିଁ। ଏପରିକି ପୁଲିସ୍ ମଧ୍ୟ ଜାଣି ଅଜଣା ରହୁଛି। ସୁବର୍ଣ୍ଣରେଖା ନଦୀ ଜଳେଶ୍ୱର ବ୍ଲକର ରାଜନଗର ଓ ଗୋପାଳପୁରଠାରେ ଓଡିଶାକୁ ପ୍ରବେଶ କରିଥିବା ବେଳେ କଣ୍ଟାପାଳ ଠାରେ ବାଲିଆପାଳ ଓ ଭୋଗରାଇ ବ୍ଲକ୍‌କୁ ପ୍ରବେଶ କରିଛି। ରାଜଘାଟ ରେଳବାଇ ପୋଲ ନିକଟରେ ଏବେ ବ୍ୟାପକ ବାଲି ଉତ୍ତୋଳନ ହେଉଥିବା ବେଳେ ସରକାରୀ ନିତି ନିୟମର ଉଲଙ୍ଘନ ହୋଇ ଆସୁଛି। କେତେକ ବାଲି ମାଫିଆ ମହମ୍ମଦନଗରପାଟଣା ପଂଚାୟତର ସେକସରାଇ ଗାଁ ଅଧିକ ବାସୁଳୀ ମନ୍ଦିର, ବେଳପାଳ ଓ ୨୧୫ନଂ ରେଳପୋଲ ତଳୁ ଜେସିବି ଜରିଆରେ ବାଲି ଉତ୍ତୋଳନ ହେଉଛି। ପ୍ରତିଦିନ ଶହ ଶହ ଡମ୍ଫର, ଟ୍ରାକ୍ଟରରେ ବାଲି ପରିବହନ ହୋଇ ପଶ୍ଚିମବଂଗକୁ ଚାଲାଣ ହୋଇ ଆସୁଛି। କେତେକ ଗ୍ରାମବାସୀ ଏ ସଂପର୍କରେ ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ଜିଲାପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗ୍ରାମବାସୀଙ୍କ ମଧ୍ୟରୁ କେତେକ ସଚେତନ ନାଗରିକ ଗାଁର ସୁରକ୍ଷା ପାଇଁ ସ୍ଥାନୀୟ ଓ ଜିଲା ପ୍ରଶାସନକୁ ବାରମ୍ବାର ଅବଗତ କରାଇ ଆସୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗତମାସରେ ଜାତୀୟ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ। ଗତ ୧୮ ତାରିଖରେ କେସ୍‌ନଂ ୧୦୬ର ବିଚାର କରି କମିଶନର ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏଥିନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୯ତାରିଖରେ ଏସ୍‌ପିଙ୍କୁ ୮ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଏ ସଂପର୍କରେ ଗ୍ରାମବାସୀ ରେଳ କର୍ତ୍ତୃପକ୍ଷ, ସ୍ଥାନୀୟ ପୁଲିସ୍, ସ୍ଥାନୀୟ ତହସିଲ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ କ୍ଷୋଭ ପ୍ରକାଶ ପାଇଛି।

- ଜାତୀୟ ମାନବିକ ଅଧିକାରୀଙ୍କ ନିକଟରେ ଗ୍ରାମବାସୀଙ୍କ ଆବେଦନ
- ପୁଲିସ୍ ଅଧିକ୍ଷକଙ୍କୁ କମିଶନରଙ୍କ ତାଗିଦ

# ଦିବ୍ୟାଙ୍ଗ ଜଗନ୍ନାଥଙ୍କ ବିୟୋଗ



ଜଳେଶ୍ୱର, ୧।୨ (ସମିସ) : ଜଳେଶ୍ୱର ପୌରାଞ୍ଚଳ ପଞ୍ଚୁଘଣ୍ଟା ଗ୍ରାମର ଦିବ୍ୟାଙ୍ଗ ଜଗନ୍ନାଥ ଦାସ (୬୭)ଙ୍କ ଶୁକ୍ରବାର ରାତ୍ରିରେ ବାଲେଶ୍ୱର ହସ୍ପିଟାଲରେ ମୃତ୍ୟୁ ଘଟିଛି। ସେ ଜନ୍ମରୁ ଗୋଡ଼ ହାତ ଖଣ୍ଡିଆ ହୋଇଥିବା ବେଳେ ତାଙ୍କୁ ଶ୍ରଦ୍ଧାରେ ସମସ୍ତେ ଖଣ୍ଡିଆ ଜଗନ୍ନାଥ ବୋଲି ସମ୍ବୋଧନ କରି ସହାୟତା କରୁଥିଲେ। ତାଙ୍କର ଧର୍ମପତ୍ନୀ ସହ ରିକ୍ସା ରେ ଭିକ୍ଷାବୃତ୍ତି କରନ୍ତି। ଅସହାୟ ଦମ୍ପତି ଙ୍କୁ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପକ୍ଷରୁ ଦୀର୍ଘ ୬ବର୍ଷଧରି ନିରନ୍ତର ମଧ୍ୟାହ୍ନରେ ଖାଦ୍ୟ ଯୋଗାଇ ଦିଆଯାଉଥିଲା। ଜଗନ୍ନାଥ କିଛିଦିନ ତଳେ ମସ୍ତିଷ୍କାଘାତ ରୋଗରେ ପୀଡ଼ିତ ହୋଇ ଜଳେଶ୍ୱର ହସପିଟାଲରେ ଭର୍ତ୍ତି ପରେ ବାଲେଶ୍ୱର ସ୍ଥାନାନ୍ତର ବେଳେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଖବର ପାଇ ଶବ ସତ୍କାର କ୍ଷେତ୍ରରେ ନିଆରା ନିଦର୍ଶନ ସାଜିଥିବା ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ସଂଗଠନର ପ୍ରମୁଖ ସଭ୍ୟ ହରିଶଙ୍କର ପଣ୍ଡା ଓ ସହଯୋଗୀ ଏବଂ କାଉନସିଲର ଚିତ୍ତରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ଗ୍ରାମ୍ୟ ମୁଖ୍ୟ ଓ ସ୍ଥାନୀୟ ବାସୀଙ୍କ ସହଯୋଗରେ ସୁବର୍ଣ୍ଣରେଖା ନଦୀକୂଳ ପଞ୍ଚୁଘଣ୍ଟାଠାରେ ଶବ ସତ୍କାର ହୋଇଥିଲା।

# ଓଡ଼ିଶା ଓ ବଙ୍ଗ ସୀମାନ୍ତ ଜନପ୍ରତିନିଧିଙ୍କୁ ନେଇ ହାତୀ ସୁରକ୍ଷା ସମନ୍ୱୟ ବୈଠକ




ଜଳେଶ୍ୱର ବ୍ଲକ, ୧।୨ (ସମିସ) : ରାସଗୋବିନ୍ଦପୁର ରେଞ୍ଜ ଅଧୀନ ହରିଣାଶୋଳ ବିଦ୍ୟାଳୟ ପରିସରର ଉଭୟ ଓଡ଼ିଶା ଓ ପୋଡଶୀ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ନିର୍ବାଚିତ ପ୍ରତିନିଧି ସାଙ୍ଗକୁ ସେଚ୍ଛାସେବୀ ବ୍ୟକ୍ତି ବିଶେଷ ଓ ଉଭୟ ବାରିପଦା ଡିଭିଜନ ଓ ବାଲେଶ୍ୱର ଡିଭିଜନ ସାଙ୍ଗକୁ ପଡ଼ୋଶୀ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର ବନ ଅଧିକାରୀ ଓ କର୍ମଚାରୀ ମାନଙ୍କ ସହିତ ସେଭ ଏଲିଫେଣ୍ଟ ଫାଉଣ୍ଡେସନର ଆନୁକୂଲ୍ୟରେ ହାତୀର ସୁରକ୍ଷା ସାଙ୍ଗକୁ ହାତୀ ଖାଦ୍ୟ ପାନୀୟ ଓ ମଣିଷ ଓ ହାତୀ ମଧ୍ୟରେ କିପରି ସୁସମ୍ପର୍କ ସ୍ଥାପନ ଓ ଉଭୟ ପଡ଼ୋଶୀ ଜିଲ୍ଲା ଓ ରାଜ୍ୟର ହାତୀକୁ ନେଇ ଉପୁଜୁଥିବା ବିବାଦ ସମ୍ପର୍କର ବିସ୍ତୃତ ଆଲୋଚନା କରାଯାଇଥିଲା। ତତ୍ ସହିତ ହାତୀର ଚଳ ପ୍ରଚଳକୁ ଅବଧାର ଯିବା ଆସିବା ସାଙ୍ଗକୁ ହାତୀ ଦ୍ୱାରା ହେଉଥିବା ଧନ ଜୀବନ କିପରି ସୁରକ୍ଷା ଯୋଗାଇ ଦିଆଯାଇ ପାରିବ ଏବଂ ହାତୀ ମାନଙ୍କୁ ଉତ୍ତେଜିତ ନ କରି ସେମାନଙ୍କୁ ଶାନ୍ତ ଭାବରେ ଜୀବନ ଜିଇଁବାର ମୌଳିକତା ଦେବା ସେ ନେଇ ଆଲୋଚନ କରାଯାଇ ଥିଲା। ଏହି ବୈଠକରେ ମଞ୍ଚ ପରିଚାଳନା କରିଥିଲେ ରେଞ୍ଜ ବାରିପଦା ବନଖଣ୍ଡ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସେଭ୍ ଏଲିଫେଣ୍ଟ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ପୂର୍ବତନ ବନ୍ୟ ପ୍ରାଣୀ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁ, ଅବୈତନିକ ବନ୍ୟଜୀବ ତତ୍ତ୍ୱାବଧାରକ ଅଶ୍ୱିନୀ ଦାସ, ହରିଣାଶୋଳ ସରପଞ୍ଚ ବୁଦ୍ଧିରାମ ମୁର୍ମୁ, ପଶ୍ଚିମବଙ୍ଗ ନୟାଗ୍ରାମ ବ୍ଲକ ଆଡରା ଅଞ୍ଚଳ ପ୍ରଧାନ ବିଜୟା ଦୟାଲଙ୍କ ସମେତ ବିଭିନ୍ନ ସୀମାରକୁ ଲାଗିରହିଥିବା ସରପଞ୍ଚ, ସମିତି ସଭ୍ୟ, ୱାଡର୍ ସଭ୍ୟ ସଭ୍ୟା ବନ ବିଭାଗର ଫରେଷ୍ଟର, ଗାର୍ଡ, ହାତୀ ସାଥୀ, ଗଜ ସାଥୀ ଉପସ୍ଥିତ ରହିଥିଲେ। ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ମୋରଡ଼ା ରେଞ୍ଜର ଘନଶ୍ୟାମ ସିଂ।

## ବ୍ଲକସ୍ତରୀୟ ସୁମନ ସ୍ୱେଚ୍ଛାସେବୀ ତାଲିମ ଶିବିର

ଜଳେଶ୍ୱର, ୧।୨ (ସମିସ): ଜଳେଶ୍ୱର ବ୍ଲକ ଅଧୀନ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ସୁମନ ସ୍ୱେଚ୍ଛାସେବୀ ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ବ୍ଲକର ୩୫ଟି ଗ୍ରାମ ପଞ୍ଚାୟତର ସୁମନ ସ୍ୱେଚ୍ଛାସେବୀଙ୍କୁ ନେଇ ଏହି ତାଲିମ କାର୍ଯ୍ୟକ୍ରମ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭୀଷ୍ମ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଡାକ୍ତର ଜ୍ୟୋତିର୍ମୟ ଦେ, ଡାକ୍ତର ଅନୀତା ପାଲ, ବିପିଏମ ସ୍ମିତା ପ୍ରମାଣିକ ଓ ବିବିଏମ ସୁକାନ୍ତ ପ୍ରଧାନ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା, ଗର୍ଭବତୀ ମହିଳାଙ୍କ ଯତ୍ନ ନେବା ଓ ଅଙ୍ଗନବାଡ଼ିରେ ଆୟୋଜିତ ମମତା ଦିବସରେ ସ୍ୱାସ୍ଥ୍ୟ ସୁମନ ସ୍ୱେଚ୍ଛାସେବୀଙ୍କ ସହଯୋଗ ବାବଦରେ ତାଲିମ ପ୍ରଦାନ କରାଯାଇଛି।

# ଅସହାୟ ପରିବାରକୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା



ଜଳେଶ୍ୱର,୧।୨(ସମିସ) : ଜଳେଶ୍ୱର ଗବରଘଟା ପଂଚାୟତରେ ଏକ ଇଟା ଭାଟି ପାଖରେ ଆଶ୍ରୟ ନେଇଥିବା ଗରିବ ଦିନ ମଜୁରିଆ ଖଗେନ ରଣା କୃଷ୍ଣ ରୋଗ ରେ ଆକ୍ରାନ୍ତ ହୋଇ ୬୫ ବୟସରେ ଦେହାନ୍ତ ଘଟିଲା। ତାଙ୍କ ସ୍ତ୍ରୀ ଶାନ୍ତି ରଣା ମଧ୍ୟ ଜଣେ କୃଷ୍ଣ ରୋଗୀ। ତାଙ୍କ ଦୁଇଜଣ ପୁତ୍ର ସ୍ଥାନୀୟ ଇଟା ଭାଟିରେ ଦିନ ମଜୁରିଆ କାର୍ଯ୍ୟ କରନ୍ତି। ଏହି ପରିବାର ଅନ୍ତେଷ୍ଟି କ୍ରିୟା ପାଇଁ ସାହାଯ୍ୟ ସହଯୋଗ ଲୋଡ଼ିଥିଲେ। ଅନେକ ଲୋକକୁ ଅନୁରୋଧ କରିବା ପରେ ମଧ୍ୟ କେହି ଏହାର ଦୁଃଖ ବୁଝି ନ ଥିଲେ। ଏହି ଖବର ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାରର ମୁଖ୍ୟ ଜଗନ୍ନାଥ ପରିଡ଼ାଙ୍କ ପାଖରେ ପହଁଚିବା ମାତ୍ରେ ଯଥାଶୀଘ୍ର ଏହି ପରିବାରକୁ ସାହାଯ୍ୟ ର ହାତ ବଢ଼ାଇଛନ୍ତି। ଜଳେଶ୍ୱର ଶାଖା ସଭାପତି ଶିବ ସୁନ୍ଦର ଜେନା, ଉପଦେଷ୍ଟା ଶାନ୍ତନୁ ସେନାପତି, ତୁଳସୀ ଦାସ ଅଧିକାରୀ, ମାନସ ସାହୁ, ଦେବବ୍ରତ ଭୂୟାଁ, ସୁବଳ ହେମ୍ବ୍ରମ, ଗଣେଶ ଟୁଡୁ,ତାପସ ମୁଖି, ମାନବ ମାଇତି, ଶରତ ଦାସ, ସରୋଜ ଦାସ ଉପସ୍ଥିତ ରହି ସହଯୋଗର ହାତ ବଢ଼ାଇଥିଲେ।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ

ବାଲିଆପାଳ, ୧।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ନିଶାକର ସେଠୀ, ବେଣୁଧର ଜେନା, ଜିଲ୍ଲା କୋର୍ଡିନେଟର ସନ୍ତୋଷ କୁମାର ଦଳାଇ ପ୍ରମୁଖ ଯୋଗଦେଇ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ନୂତନ ଆତ୍ମରୋଜଗାରକ୍ଷମ ବ୍ୟବସାୟିକ ଉଦ୍ୟୋଗ ପ୍ରକଳ୍ପ ପ୍ରତିଷ୍ଠା କରି ରୋଜଗାର ସୃଷ୍ଟି କରିବା ବିଷୟରେ ଆଲେଚନା କରିଥିଲେ। ଏହା ସହିତ ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ବ୍ୟାଙ୍କ ମାଧ୍ୟମରେ ଋଣ ଯୋଗାଇଦେବା, ତାଲିମ ପ୍ରଦାନ କରି ସହଯୋଗ କରିବା ଉଦ୍ୟମିତାର ଲକ୍ଷ୍ୟ ବୋଲି କହିଥିଲେ। ବାଲିଆପାଳ ଏପିଓ ଅମ୍ବୁଜ ମହନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିପିଏମ ବାଲିଆପାଳ ଉତ୍ତମ କୁମାର ସାହୁ ସହଯୋଗ କରିଥିଲେ। ଜିଲ୍ଲା ସମ୍ବଳ ଅଧିକାରୀ ସସ୍ମିତା ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଜଳେଶ୍ୱର ବ୍ଲକ, ୧।୨ (ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ନିର୍ମଳ ଚନ୍ଦ୍ର ଘୋଷଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ସମ୍ପାଦକ ସୁକାନ୍ତ ପାତ୍ରଙ୍କ ଅଧ୍ୟକ୍ଷତାରେ ଶ୍ରୀ ଘୋଷଙ୍କୁ ମାନ ପତ୍ର ସହିତ ଫୁଲ ତୋଡା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଓ ସାଥିରେ ନିୟନ୍ତ୍ରିତ ବଜାର କମିଟିର ଅନ୍ୟ କର୍ମଚାରୀମାନଙ୍କ ମଧ୍ୟରେ ମୋନରଞ୍ଜନ ସାମଲ, ଘନଶ୍ୟାମ ଦାସ, ଅଜୟ ଦାସ, ଚକ୍ରଧର ଦାସ, ଅଭିମନ୍ୟୁ ଚନ୍ଦ, ନାରାୟଣ ଚନ୍ଦ୍ର ଦେ, ହିମାଂଶୁ ନାୟକ, ନିତାୟଚରଣ ଗିରି, ରବିନ୍ଦ୍ର ଗିରି, ଇନାମ କର୍ମଚାରୀ ପ୍ରଳୟ ରାଜ, ଶିବାନୀ ଜେନା, ଭବେଶ୍ ମଲ୍ଲିକ, ନିୟନ୍ତ୍ରିତ ବଜାର କମିଟିର ଅବସର ପ୍ରାପ୍ତ କର୍ମଚାରୀ ଶଙ୍କର ପରିଡ଼ା, ହରେନ୍ଦ୍ର ପାଳ, ସୁରେନ୍ଦ୍ର ନାଥ ଦତ୍ତ, ସୃଷ୍ଟିଧର ବେହେରା, ଜଗେଶ୍ୱର ଦତ୍ତ ପଉପସ୍ଥିତ ରହି ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଜେପିଏଲ୍ କ୍ରିକେଟ: ଏସପିଆର୍ ନାଇଟ୍ ରାଇଡର୍ ଚାମ୍ପିଅନ

ରାଜଘାଟ, ୧।୨ (ସମିସ): ବସ୍ତା ବ୍ଲକ କୁଳିଦା ପଞ୍ଚାୟତ ଅନ୍ତର୍ଗତ ଜୁଣବଳଦା ମହାଦେବ ମନ୍ଦିର ପଡ଼ିଆରେ ଚାଲିଥିବା ଜେପିଏଲ୍ ସିଜିନ୍ ୩ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇଯାଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ରୁଦ୍ରାଂଶ ଏକ୍ସ ଆଇ ଟିମ ପ୍ରଥମେ ଟସ୍ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ୧୫.୩ ଅଭର ଖେଳି ସମସ୍ତ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରିଥିଲେ। ଜବାବରେ ଏସ୍ପିଆର୍ ନାଇଟ୍ ରାଇଡର୍ ଟିମ୍ ମାତ୍ର ୧୩.୫ ଅଭରରେ ୧୭୦ ରନ୍ କରି ୧୦ ୱିକେଟ୍‌ରେ ବିଜୟୀ ହୋଇଥିଲା। ସନ୍ଧ୍ୟାରେ କ୍ଲବ ସଭାପତି ଜଗନ୍ନାଥ ଦେଙ୍କ ପୌରହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଯୁବ ସାମ୍ବାଦିକ ଜନ୍ମେଜୟ ପରିଡ଼ା, ଅନ୍ୟ ସମ୍ମାନିତ ଅତିଥି ଭାବେ ସୁଦର୍ଶନ ଦଳାଇ,ପଦ୍ମଲୋଚନ ମଲ୍ଲିକ, ଅମୁଲ୍ୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୧୫ ହଜାର ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ନଗଦ ୧୨ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଫିଅରଲେସ୍ ଫାଇଟର୍ ଟିମ୍,ପ୍ରିତମ୍ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଅଭିଜିତ୍ ପାତ୍ରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଅମ୍ପାୟାର ଭାବେ କାହ୍ନା ବେହେରା, ରବିନ୍ଦ୍ର ଦେ, ପ୍ରଶାନ୍ତ ମହାନ୍ତି, ଉଦୟ ମଙ୍ଗରାଜ ଓ କାହ୍ନୁଚରଣ ଦାସ ପରିଚାଳନା କରିଥିବାବେଳେ ଭାଷ୍ୟକାର ଭାବେ ବିନୋଦ ଦଳାଇ ଓ ଜିକୁ ସେନାପତି, ଦୀପ୍ତିରଞ୍ଜନ ଦଳାଇ ଓ ଶରତ କୁମାର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଦେବାଶିଷ ଦଳାଇ, ଅନାଦି ଦଳାଇଙ୍କ ସମେତ କ୍ଲବର ଅନ୍ୟ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# କିଆଁଗଡ଼ିଆ ଆଶ୍ରମରେ ମହାମହୋତ୍ସବ ପ୍ରସ୍ତୁତି

ଚନ୍ଦନେଶ୍ୱର, ୧।୨ (ସମିସ): ଭୋଗରାଇ ବ୍ଲକ ଅନ୍ତର୍ଗତ ଓଡ଼ିଶା ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ସାହାବାଜିପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ରାମଚନ୍ଦ୍ର ଗୋସ୍ୱାମୀ ମହାରାଜ ପ୍ରତିଷ୍ଠିତ ଶ୍ରୀ ଶ୍ରୀ କିଆଁଗଡ଼ିଆ ଆଶ୍ରମରେ ହେମଚନ୍ଦ୍ର ଗୋସ୍ୱାମୀ ମହାରାଜାଙ୍କ ଦ୍ୱାରା ଅନୁଷ୍ଠିତ ହୋଇ ଆସୁଥିବା ମହାମହୋତ୍ସବର ପ୍ରସ୍ତୁତି ପାଇଁ ଏକ ବୈଠକ ହୋଇଯାଇଛି। ଶ୍ରୀଶ୍ରୀ ଶ୍ୟାମାନନ୍ଦ ପ୍ରଭୁ ଓ ଶ୍ରୀ ଶ୍ରୀ ରସିକାନନ୍ଦ ପ୍ରଭୁଙ୍କ ଆବିର୍ଭାବ ସ୍ମରଣେ ଶ୍ରୀ ଶ୍ରୀ ରାମଚନ୍ଦ୍ର ଗୋସ୍ୱାମୀଙ୍କ ଦ୍ୱାରା ପରିଚାଳିତ ଶ୍ରୀ ଶ୍ରୀ କିଆଁଗଡିଆ ଆଶ୍ରମରେ ଆସନ୍ତା ଏପ୍ରିଲ ମାସ ୪ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ହେମଚନ୍ଦ୍ର ଗୋସ୍ୱାମୀଙ୍କ ଅନୁଷ୍ଠିତ ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ବିଭିନ୍ନ ଅନୁଷ୍ଠାନ ଓ କାର୍ଯ୍ୟକ୍ରମ ମାଧ୍ୟମରେ ଚାରି ଦିନ ବ୍ୟାପି ଏକ ମହାମହୋତ୍ସବର ଆୟୋଜନ କରାଯାଇଛି। ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ଶ୍ରୀ ବ୍ରଜଗୋବିନ୍ଦ ଗୋସ୍ୱାମୀ ଓ ସାଧନା ମା ଗୋସ୍ୱାମୀଙ୍କ ପୌରହିତ୍ୟରେ ଡକାଯାଇ ସମସ୍ତ ବିଷୟମାନ ଆଲୋଚନା କରାଯାଇଥିଲା। ଏଥିରେ ସୁସଜ୍ଜିତ ରଥାରୁଢ଼ ମହାପ୍ରଭୁଙ୍କ ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ପରିବେଷଣ ମାଧ୍ୟମରେ ଭକ୍ତମାନଙ୍କର ପଦଯାତ୍ରା, ପରିକ୍ରମା,ଶ୍ରୀମଦ ଭାଗବତ ପାଠ,ରାମାୟଣ, ବାଉଲ,କବିଗାନ,ପାଲା, ଲୀଳାକିର୍ତ୍ତନ, ଶ୍ରୀ ଶ୍ରୀ ନାମମହାଯଜ୍ଞ ଓ ଦଧିକୀର୍ତ୍ତନ ଇତ୍ୟାଦିର କାର୍ଯ୍ୟକ୍ରମ ରହିଅଛି। ଉକ୍ତ ଉତ୍ସବରେ ଶ୍ରୀ ପାଟ ଗୋପୀବଲ୍ଲଭପୁରର ଶ୍ରୀ ଶ୍ରୀ ଶ୍ୟାମନନ୍ଦୀ ଗାଦୀଶ୍ୱର, ଶ୍ରୀ ଶ୍ରୀ ମହାନ୍ତ କୃଷ୍ଣକେଶବାନନ୍ଦ ଦେବ ଗୋସ୍ୱାମୀ ତଥା ଶ୍ରୀଧାମ ବ୍ରିନ୍ଦାବନ ଓ ନବଦ୍ୱୀପ ଧାମରୁ ନିମନ୍ତ୍ରିତ ଗୋସ୍ୱାମୀ ମଣ୍ଡଳୀ ଉପସ୍ଥିତ ରହି ଭକ୍ତି ଧର୍ମର ବିଭିନ୍ନ ଦିଗ ବିଷୟରେ ପର୍ଯ୍ୟାଲୋଚନା ଓ ପ୍ରବଚନ ଦେବା ସଙ୍ଗେ ସଙ୍ଗେ ସମସ୍ତ ଭକ୍ତମାନଙ୍କୁ ଆଶୀର୍ବାଦ ପ୍ରଦାନ କରିବେ। ଆଜିର ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ରାଜକିଶୋର ଦାସ ଅଧିକାରୀ, ଅଜିତ କୁମାର ଦାସ, ଚକ୍ରଧର ପାତ୍ର, ଶଶିକାନ୍ତ ପାତ୍ର, ବ୍ରଜକିଶୋର ଦାସ ଅଧିକାରୀ, ଶ୍ରୀପତି ଦାସ, ବରେନ୍ଦ୍ର ଜେନା, ବିପିନ ବିହାରୀ ଜେନା, ଶଙ୍କର ଦାସ, ହେମନ୍ତ ଭଞ୍ଜ, ସୁଧୀର ଦାସ, ସୁଧୀର ପାତ୍ର, ରମେଶ ମହାନ୍ତି, ଗୀତାରାଣୀ ଓ ବ୍ରଜେଶ୍ୱରୀ ଦାସ ଅଧିକାରୀ ତଥା ଶ୍ୟାମନନ୍ଦୀ ବୈଷ୍ଣବ ବିକାଶ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା

କାଳିପଦା, ୧।୨ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଗଣ୍ଡଦଳା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ପୌରୋହିତ୍ୟ କରିଥିଲେ ଉ ପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୃଷିକେଶ ନାଗ। ମୁଖ୍ୟଅତିଥି ଜିଲ୍ଲାପରିଷଦ ସଦସ୍ୟ ବାବାଜୀ ଦେହୁରୀ, ମୁଖ୍ୟବକ୍ତା ବିଶିଷ୍ଟ କବି ନଳିନୀକାନ୍ତ ପାଢ଼ୀ, ସମ୍ମାନିତ ଅତିଥିଭାବେ ସିଆରସିସି ରତିକାନ୍ତ ମଲ୍ଲିକ, ଡଗରା ସିଆରସିସି ରବୀନ୍ଦ୍ର ମଣ୍ଡଳ, ଏସଏମସିର ସଭାପତି ଯୁଧିଷ୍ଠିର ଦେହୁରୀ, ସନ୍ୟାସୀ ପାତ୍ର, ଶିବକୁମାର କର, ସୁଶାନ୍ତ ଦେହୁରୀ ଯୋଗ ଦେଇ ପିଲାମାନଙ୍କ ଭିତରେ ଥିବା ସୁପ୍ତ ମାନବୀୟ ଗୁଣାବଳୀର ବିକାଶ, ପ୍ରତିଭାର ବିକାଶ ତଥା ଦେଶ ପାଇଁ ପ୍ରେମ ଓ ତ୍ୟାଗ ଅପରିହାର୍ଯ୍ୟ ବୋଲି ଅଭିହିତ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ବାରିକ ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶୁଭସ୍ମିତା ପାତ୍ର ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ଅଭିଜିତ ଦଳାଇ ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଶିକ୍ଷକ ରାଜୀବ ଲୋଚନ ସେଠୀ ଧନ୍ୟବାଦ ଦେଇଥିଲେ।



# ଷ୍ଟୁଡେଣ୍ଟ୍ ଜୋନ କୋଚିଂ ସେଣ୍ଟରର ବାର୍ଷିକ ଉତ୍ସବ



ଚନ୍ଦନେଶ୍ୱର,୧।୨ (ସମିସ): ଭୋଗରାଇର ଆଦର୍ଶ ବିଦ୍ୟାଳୟ କାନ୍ଥଭଉଁରୀର ପିଲାମାନଙ୍କୁ ଶିକ୍ଷା ଦେଇ ଆସୁଥିବା ଷ୍ଟୁଡେଣ୍ଟ୍ ଜୋନ କୋଚିଂ ସେଣ୍ଟର ଶ୍ରଦ୍ଧାପୁରର ୪ର୍ଥ ବାର୍ଷିକ ଉତ୍ସବ ଶ୍ରଦ୍ଧାପୁର ହାଟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଆୟୋଜିତ ସଭାରେ ଶିକ୍ଷାବିତ ରବିନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତଥା ସାମ୍ବାଦିକ ଝାଡେଶ୍ୱର ପ୍ରଧାନ ଏବଂ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ପରିବେଶବିତ ବିଭୁପଦ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅନନ୍ତ ପ୍ରଧାନ, ସମାଜସେବୀ ତଥା ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, ସମ୍ବର୍ଦ୍ଧିତ ପ୍ରତିଭା ଶିକ୍ଷାବିତ ତଥା ନାଟ୍ୟକାର ଧନଞ୍ଜୟ ପାତ୍ର, ନାଟ୍ୟକାର ପ୍ରଫୁଲ୍ଲ ବାଗ, ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଜ୍ୟୋତିପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ଅତିଥି ଶିକ୍ଷକ ଦଶରଥ ଜେନା ଓ ଅଭିଭାବକ ନାରାୟଣ ବାରିକ ମତ ପ୍ରକାଶ କରିଥିଲେ। ଶିକ୍ଷକ ଦେବ ଶଙ୍କର ଦାସ ମଞ୍ଚ ଆହ୍ୱାନ, ଅଧ୍ୟକ୍ଷ ସଞ୍ଜିବ କୁମାର ପ୍ରଧାନ ବିବରଣୀ ପାଠ, ଶିକ୍ଷକ ଶୁଭମ ପଣ୍ଡା ବେଦପାଠ ଓ ଶିକ୍ଷକ ରାଜକିଶୋର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟକାର ପ୍ରଫୁଲ୍ଲ ବାଗଙ୍କ ରଚିତ, ଭଗୀରଥ ଚାନ୍ଦଙ୍କ ନିର୍ଦ୍ଦେଶନାରେ, ଗୁରୁ ପ୍ରଫୁଲ୍ଲ ବାରିକଙ୍କ ସ୍ୱର ସଂଯୋଜନାରେ ପିଲାମାନଙ୍କ ଦ୍ୱାରା ନାଟକ "କିଏ ଶୁଣିବ କାହାଣୀ ମୋର' ମଞ୍ଚସ୍ଥ ହୋଇଥିଲା। ଶିକ୍ଷକ ହରିହର ମହାନ୍ତି, ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁ, କ୍ରିଷ୍ଣା ରାଉତ, ଶୁଭସ୍ମିତା ନାୟକ, ପଲ୍ଲବୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## କୁଳଡିହା ବଣିଆମାରୀ ମହୋତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ

ରାଜଘାଟ, ୧।୨ (ସମିସ): ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ଅନ୍ତର୍ଗତ ବଣିଆମାରୀ ପଡିଆରେ କୁଳଡିହା ଓ ବଣିଆମାରୀ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୬ ଦିନ ବ୍ୟାପୀ ଚତୁର୍ଦ୍ଦଶ ତମ ଶ୍ରୀଜଗନ୍ନାଥ ଚେତନା ମହୋତ୍ସବ ଅନୁଷ୍ଠିତ ହେଉଛି। ଏହି ଅବସରରେ କମିଟିର ଆବାହକ ମହେନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଦୁଇଦିନିଆ ପ୍ରବଚନ କାର୍ଯ୍ୟକ୍ରମରେ ପ୍ରବକ୍ତା ଭାବେ ପଣ୍ଡିତ ସୁଦର୍ଶନ ତ୍ରିପାଠୀ ଯୋଗଦେଇ ଶ୍ରୀ ଜଗନ୍ନାଥ ସଂସ୍କୃତି ଉପରେ ଶ୍ରଦ୍ଧାଳୁଙ୍କୁ ପ୍ରବଚନ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ଉପଦେଷ୍ଟା, ପରିଚାଳନା ଓ କାର୍ଯ୍ୟକାରୀ କମିଟିର ସମସ୍ତ ସଦସ୍ୟ ଓ ଉଭୟ ଗ୍ରାମର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ୩୨ବେଶ ଉଦ୍‌ଘାଟିତ

ଭୋଗରାଇ, ୧।୨ (ସମିସ)

ଭୋଗରାଇ ବ୍ଲକ ଅନ୍ତର୍ଗତ ଆରୁହାବୃତ୍ତି ୧ ନଂ ଗ୍ରାମ ପଞ୍ଚାୟତ ଅଧିନ ବାରବାଟିଆ ଗ୍ରାମରେ ୧୧ ଦିନ ବ୍ୟାପି ଅନୁଷ୍ଠିତ ହେଉଥିବା ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭବ୍ୟ ୩୨ ବେଶ ସମାରୋହ ବାରବାଟିଆ ୩୨ବେଶ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଆରୁହାବୃତ୍ତି ୧ ନଂ ଗ୍ରାମପଞ୍ଚାୟତ, ଖରିଦ ପିପଳ ପଞ୍ଚାୟତ, ନାଚିନ୍ଦା ପଞ୍ଚାୟତ, କୁଶୁଡ଼ା ଗ୍ରାମ ପଞ୍ଚାୟତ, ଗବଗାଁ ଗ୍ରାମପଞ୍ଚାୟତ, ତଥା ଆଖପାଖ ଅଞ୍ଚଳରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ସୁନାବେଶ ସହିତ ମହାପ୍ରଭୁଙ୍କ ଭବ୍ୟ ୩୨ ବେଶ ଦର୍ଶନ କରି ହଜାର ହଜାର ଶ୍ରଦ୍ଧାଳୁ ଆତ୍ମବିଭୋର ହୋଇ ପଡିଥିବା ଦେଖିବାକୁ ମିଳିଛି। ସକାଳେ ଶତାଧିକ ମହିଳାଙ୍କ ଏକ ବର୍ଣ୍ଣାଢ଼୍ୟ ପରିବେଶ ଦ୍ୱାରା କଳସ ଶୋଭାଯାତ୍ରା ସହିତ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା ଘଣ୍ଟୁଆ ମାନଙ୍କଦ୍ୱାରା ଶଙ୍ଖ, ଘଣ୍ଟା, ବାଦ୍ୟ ସହିତ ସଂକୀର୍ତ୍ତନର ତାଳେ ତାଳେ ଏକ ବିଶାଳ ପଟୁଆରରେ ସୁବର୍ଣ୍ଣରେଖା ନଦୀର ମନୋନଗରଘାଟରୁ ୨୮୦ ପୂର୍ଣ୍ଣ କଳସୀରେ ପବିତ୍ର ପାଣି ଆଣି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲେ। ପରେ ଯଜ୍ଞର ଶୁଭାରମ୍ଭ ହେବା ସହିତ ଜଗନ୍ନାଥଙ୍କ ଭବ୍ୟ ୩୨ ବେଶ, ମା' ଲକ୍ଷ୍ମୀ, ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଇଥିଲା, ବିଶାଳ ଶିବଲିଙ୍ଗ ସହିତ ପୁରୀରୁ ଆସିଥିବା ଜଗନ୍ନାଥଙ୍କ ନନ୍ଦିଘୋଷରଥର ଚକ କୁଶ୍ରଦ୍ଧାଳୁମାନଙ୍କର ମନକୁ



ମୋହିତ କରିଥିଲା । ଏଥି ସହିତ ଆନନ୍ଦ ବଜାରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସନ୍ଧ୍ୟାରେ ଆୟୋଜିତ ଆଧିକ ଉଦଘାଟନ ସଭାରେ ଶିକ୍ଷକ ସୌଭାଗ୍ୟରଞ୍ଜନ ଦେ ପୌରହିତ୍ୟରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉଦଘାଟକ ତଥା ମୁଖ୍ୟଅତିଥି ଭାବେ ବିଶିଷ୍ଟ ପ୍ରବଚକ ଓ ଜୟ ଜଗନ୍ନାଥ ଚ୍ୟାନେଲର ଭାଷ୍ୟକାର ପୁରୀର ପଣ୍ଡିତ ସୌମ୍ୟ ରଂଜନ ପଣ୍ଡା, ମୁଖ୍ୟଅତିଥି ପୁରୀ ପଣ୍ଡିତ ଅଶୋକ ମିଶ୍ର, ମୁଖ୍ୟବକ୍ତା ଡ. କାଳିକିଙ୍କର ଦାସ, ଆୟୋଜକ କମିଟିର ସଭାପତି ମୁଖ୍ୟମନ୍ତ୍ରୀ ପୁରୁସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ତାପସ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦୟପୁର ବେଳାଭୂମି: ପର୍ଯ୍ୟଟକଙ୍କୁ ବୋଟ୍ ଚାଳକଙ୍କ ମରଣାନ୍ତକ ଆକ୍ରମଣ

ଭୋଗରାଇ, ୧୨(ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ସାହାବାଜିପୁର ଗ୍ରାମପଞ୍ଚାୟତର ସୀମାନ୍ତ ଉଦୟପୁର ଏକ ମନୋରମ ବେଳାଭୂମି। ପ୍ରତ୍ୟେକ ଦିନ ହଜାର ହଜାର ପର୍ଯ୍ୟଟକ ଉକ୍ତ ମନୋରମ ବେଳାଭୂମିକୁ ବୁଲିବାକୁ ଆସିଥାନ୍ତି। ମାତ୍ର ବେଳାଭୂମିରେ ବିଭିନ୍ନ ସମୟରେ ପର୍ଯ୍ୟଟକମାନଙ୍କୁ ଆକ୍ରମଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ନିନ୍ଦିତ ହୋଇଥାଏ। ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ବେଳାଭୂମି ଠାରୁ ମାତ୍ର ୫୦ ମିଟର ଦୂରରେ ତାଳସାରି ସାମୁଦ୍ରିକ ଥାନା ରହିଛି। ମାତ୍ର ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବାରେ ତାଳସାରି ସାମୁଦ୍ରିକ ଥାନା ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପଡ଼ୋଶୀ ପଶ୍ଚିମବଙ୍ଗ ରାଜ୍ୟର ୪ଜଣ ପର୍ଯ୍ୟଟକ ଉଦୟପୁର ବେଳାଭୂମିକୁ ବୁଲିବାକୁ ଆସି ବେଳାଭୂମିରେ କେତେକ ବ୍ୟବସାୟୀଙ୍କ ଦ୍ୱାରା ଚାଲିଥିବା ଲକ୍ଷ୍ମୀ ଆଡ଼ଭେଞ୍ଚର ବୋଟରେ ଟିକଟ କାଟି ବୋଟିଂ କରିବାକୁ ଯାଉଥିବା ବେଳେ ବୋଟ ଚାଳକଙ୍କ ଦୁର୍ବ୍ୟବହାର ଶିକାର ହୋଇ ପ୍ରତିବାଦ କରିଥିଲେ ଏବଂ ଟିକଟ ଫେରାଇ ନେଇ ଟଙ୍କା ଦେବାକୁ ଦାବି କରିଥିଲେ। ଏ ନେଇ ବୋଟ ମାଲିକ ସୁରଥ ସାହୁ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଥିଲା ବେଳେ ଲକ୍ଷ୍ମୀ ଆଡ଼ଭେଞ୍ଚର ବୋଟର ଚାଳକ ମାନେ ପର୍ଯ୍ୟଟକ ମାନଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ବୋଟ ଚାଳକ ମାନଙ୍କ ମରଣାନ୍ତକ ଆକ୍ରମଣରେ ପର୍ଯ୍ୟଟକ ମାନେ ଲହୁ ଲୁହାଣ ହୋଇ ତଳେ ପଡ଼ି ଯାଇଥିବା ପର୍ଯ୍ୟଟକଙ୍କ ଛାତି ଓ ମୁହଁକୁ ଗୋଇଠା ମାରି ଚେତାଶୂନ୍ୟ କରିଦେଇଥିଲେ। ତେବେ ଉଦୟପୁର ବେଳାଭୂମିରେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ବୋଟ ଚାଳକମାନେ ମରଣାନ୍ତକ ଆକ୍ରମଣ କରିବା ଘଟଣାକୁ ସ୍ଥାନୀୟ ବ୍ୟବସାୟୀମାନେ ବିରୋଧ କରିଥିଲେ। ପର୍ଯ୍ୟଟକ ମାନଙ୍କ ମଧ୍ୟରୁ ଜଣେ ଚେତାଶୂନ୍ୟ ହୋଇ ଦୀଘା ଷ୍ଟେଟ ଜେନେରାଲ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ଆହତ ମାନେ ନ୍ୟାୟ ଭିକ୍ଷା କରିଥିଲେ। ପାଖରେ ତାଳସାରି ସାମୁଦ୍ରିକ ଥାନା ଘଟଣା ସମ୍ପର୍କରେ ଅବଗତ ଥାଇ ଘଟଣାସ୍ଥଳକୁ ଆସିନଥିଲେ। ସ୍ଥାନୀୟ ଲୋକଙ୍କ ଚାପରେ ବୋଟ ମାଲିକ ସୁରଥ ସାହୁ ସେମାନଙ୍କର ଟିକଟ ବାବଦରେ ନେଇଥିବା ଟଙ୍କା ଫେରସ୍ତ ଦେଇ ଥିଲେ। ଉଦୟପୁର ବେଳାଭୂମିରେ ନୌଚାଳକ ମାନଙ୍କ ଏଭଳି ବର୍ବରତା କାର୍ଯ୍ୟକୁ ବ୍ୟବସାୟୀ ମାନେ ଘୋର ନିନ୍ଦା କରିଛନ୍ତି। ଏ ନେଇ ବୋଟ ମାଲିକ ସୁରଥ କୁମାର ସାହୁଙ୍କୁ ପଚାରିବାରୁ ପର୍ଯ୍ୟଟକ ମାନେ ପ୍ରଥମେ ନିଶାସକ୍ତ ଅବସ୍ଥାରେ ତାଙ୍କ କର୍ମଚାରୀଙ୍କୁ ପିଟିବା ପରେ ତାଙ୍କ କର୍ମଚାରୀ ମାନେ ପର୍ଯ୍ୟଟକଙ୍କୁ ପିଟିଛନ୍ତି ବୋଲି ପ୍ରକାଶ କରିବା ସହିତ ତାଙ୍କ କର୍ମଚାରୀ ମାନେ ପର୍ଯ୍ୟଟକଙ୍କୁ ମାଡ଼ ମାରିବା ଭୁଲ ବୋଲି ସ୍ୱୀକାର କରିଛନ୍ତି ଏବଂ ଥାନାଧିକାରୀ ଉକ୍ତ ଘଟଣାର ଅବଗତ ହୋଇ ତାଙ୍କ କର୍ମଚାରୀଙ୍କୁ ଥାନାକୁ ନେଇ ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଏଭଳି ଘଟଣାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରିଯିବା ସହିତ ଉକ୍ତ ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଘଟଣା ନେଇ ତାଳସାରି ସାମୁଦ୍ରିକ ଥାନା ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଆରଏସ୍ଏସ୍‌ର ଭବ୍ୟ ପଥ ସଞ୍ଚଳନ ଓ ଶାରୀରିକ ପ୍ରଦର୍ଶନ




ବାଲେଶ୍ୱର,୧୨(ସମିସ): ସଂଘର ଶତାବ୍ଦୀ ବର୍ଷ ତଥା ଭାରତ ବର୍ଷର ଦୁଇ ମହାନ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ସପ୍ତାହ ଅବସରରେ ଆରଏସଏସ ବାଲେଶ୍ୱର ତରଫରୁ ଏକ ଭବ୍ୟ ପଥ ସଞ୍ଚଳନ ଓ ଶାରୀରିକ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଶ୍ରୀ ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାମଚନ୍ଦ୍ର ଜେନା ଯୋଗ ଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ସଂଘର ବାଲେଶ୍ୱର ଜିଲ୍ଲା ସଂଘ ଚାଳକ ଶୁଭ୍ରାଂଶୁ ଶେଖର ଦାସମହାପାତ୍ର ଏବଂ ଜିଲ୍ଲା କାର୍ଯ୍ୟବାହ ବିଜୟ କୁମାର ଦାସ ମଞ୍ଚାସୀନ ଥିଲେ। ଏହା ପୂର୍ବରୁ ସ୍ୱୟଂ ସେବକମାନେ ଘୋଷ ବାଦ୍ୟ ସହ ପଥ ସଞ୍ଚଳନରେ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ସହଜିଲ୍ଲା ଶାରୀରିକ ପ୍ରମୁଖ ସୁଶାନ୍ତ ମଣ୍ଡଳଙ୍କ ସହ ମୃତ୍ୟୁଞ୍ଜୟ ମହାର୍ଣ୍ଣା, ଗଣେଶ ଦାସ, ରମେଶ ମହାକୁଡ଼, କୁମାର ସମ୍ଭବ ପରିଡା, ତାପସ କୁମାର ଜେନା, ଅଙ୍କୁଶ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ବାଲେଶ୍ୱର ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ

ବାଲେଶ୍ୱର,୧୨(ସମିସ): ବାଲେଶ୍ୱର ଡାକ ମଣ୍ଡଳର ୭୪ତମ ପ୍ରତିଷ୍ଠା ଦିବସ ଏବଂ ୧୪୩ ତମ ଡାକ ଜୀବନ ବୀମା ଦିବସ ବାଲେଶ୍ୱର ଡାକ ମଣ୍ଡଳର ଡାକ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଏହି ଅବସରରେ ଅନୁଷ୍ଠିତ ଏକ ସଭାରେ ଡାକ ଅଧୀକ୍ଷକ ତାପସ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡିଶା ଡାକ ପରିମଣ୍ଡଳ ଡିଡିଏମ ସତ୍ୟବାଦୀ ବିଶ୍ୱାଳ, ମୁଖ୍ୟ ବକ୍ତା ବସନ୍ତ କୁମାର ସିଂଘ, ଡାକ,ଅଧିକ୍ଷକ ସମ୍ବଲପୁର ଡାକ ମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ବନମାଳୀ ପାତ୍ର, ଅବସରପ୍ରାପ୍ତ ଅତିରିକ୍ତ ନିର୍ଦ୍ଦେଶକ (ଡାକ ଜୀବନ ବୀମା) ଆସାମ ଡାକ ପରିମଣ୍ଡଳ, ସମ୍ମାନନୀୟ ଅତିଥି ଭାବେ ବିରଂଚି ନାରାୟଣ ସାମଲ,ବ୍ରାଞ୍ଚ ମ୍ୟାନେଜର, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଭାବେ ଏଠାରେ ଯୋଗ ଦେଇଥିଲେ। ଏହି ଅବସରରେ ରବିନ୍ଦ୍ର କୁମାର ପାତ୍ର ଏବଂ ନମିସା ବାରିକ ମଞ୍ଚ ପରିଚାଳନା କରିଥିଲେ। ବାଲେଶ୍ୱର ଡାକ ମଣ୍ଡଳର ୭୪ ବର୍ଷର ଦୀର୍ଘ ସମର୍ପିତ ସେବା ସହିତ ଡାକ ଜୀବନ ବୀମାର ଗୁରୁତ୍ୱକୁ ଉଲ୍ଲେଖ କରାଯାଇଥିଲା। ଡାକ ଜୀବନ ବୀମା ଓ ଗ୍ରାମୀଣ ଡାକ ଜୀବନ ବୀମା ଯୋଜନା ମାଧ୍ୟମରେ ସହର ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ବୀମା ସୁରକ୍ଷା ଯୋଗାଇବାରେ ଡାକ ବିଭାଗର ଭୂମିକାକୁ ଆଲୋକପାତ କରାଯାଇଥିଲା ଓ ପ୍ରତିଷ୍ଠା ଦିବସ ଓ ପିଏଲଆଇ ଦିବସ ଉପଲକ୍ଷେ ଗ୍ରାହକମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବାଲେଶ୍ୱର ଡାକ ମଣ୍ଡଳ ଡାକ ସେବା ଜନ ସେବା ଲକ୍ଷ୍ୟ ସହ ସମନ୍ୱୟ ରଖି ସୁଲଭ, ଶସ୍ତା ଓ କାର୍ଯ୍ୟକୁଶଳ ଡାକ ଓ ଆର୍ଥିକ ସେବା ପ୍ରଦାନ ପାଇଁ ନିଜ ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଥିଲା ଓ ସଭା କାର୍ଯ୍ୟକ୍ରମ ସରିବା ପରେ ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାର ଡାକ ଅଧିକ୍ଷକ ଓ ଅବସରପ୍ରାପ୍ତ ଡାକ ଅଧିକ୍ଷକ ମାନଙ୍କୁ ସମ୍ମାନୀତ କରାଯାଇଥିଲା।

# ସାମାନ୍ୟ ବଚସାରୁ ଯୁବକକୁ କଚାଡ଼ି ଦେଲେ

ରାଜଘାଟ, ୧୨ (ସମିସ): ବସ୍ତା ଥାନା ଅନ୍ତର୍ଗତ କୁଡ଼ିଆ ପୋଲ ନିକଟରେ ସାମାନ୍ୟ ବଚସାରୁ ଜୈନିକ ଯୁବକକୁ କଚାଡ଼ି ଦୁଇ ଯୁବକ ଗୁରୁତର ଆହତ କରିଛନ୍ତି। ଆଜି ପୂର୍ବାହ୍ଣରେ କୁଡ଼ିଆ ଗ୍ରାମର ଗଗନ ସେଠୀ(୩୫) କୁଡ଼ିଆ ପୋଲ ଆଡ଼କୁ ଆସୁଥିବା ସମୟରେ ସ୍ଥାନୀୟ ମାଛିଆ ଗ୍ରାମର ଦୁଇ ଯୁବକ ବୁଦ୍ଧିରାମ କିସ୍କୁ ଓ କଢ କିସ୍କୁ ପହଞ୍ଚି ହଠାତ୍ ତାଙ୍କୁ କଚାଡ଼ି ଦେଇଥିଲେ। ଦୁହେଁ ସେଠାରୁ ଫେରାର୍ ମାରିଥିବା ବେଳେ ସ୍ଥାନୀୟ ଲୋକ ପହଞ୍ଚି ଗଗନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲକୁ ନେଇଥିଲେ, ମାତ୍ର ଅବସ୍ଥା ଗୁରୁତର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ଉପେନ୍ଦ୍ରନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ସୋର, ୧୨(ସମିସ): ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ୬୧ ତମ ବାର୍ଷିକ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଚାନ୍ଦିପୁର ଡି. ଆର.ଡି.ଓ.ର ଅତିରିକ୍ତ ନିର୍ଦ୍ଦେଶକ ତଥା ବୈଜ୍ଞାନିକ ଡ. ନିଳାଦ୍ରୀ ରଏ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ସହ ନିଜକୁ ସମୟ ସହ ତାଳ ମିଶେଇ ଚାଲିବା ସହ ବିକଶିତ ଭାରତ ଦିଗରେ ଯୁବ ପିଢୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର ଯୋଗଦେଇ ଥିଲେ। ସାଂସ୍କୃତିକ ବିଭାଗର ମୁଖ୍ୟ ଉପଦେଷ୍ଟା ତଥା ରସାୟନ ବିଭାଗର ଅଧ୍ୟାପକ ରତ୍ନାକର ମୁଦୁଲି ଯୋଗଦେଇ ବକ୍ତବ୍ୟ ରଖିଥିଲେ। +୨ ସ୍ତରରେ ସାଂସ୍କୃତିକ ବିଭାଗର ମୁଖ୍ୟ ଉପଦେଷ୍ଟା ତଥା ପଦାର୍ଥ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ସୁବ୍ରତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାର ପ୍ରାରମ୍ଭିକ ପର୍ଯ୍ୟାୟକୁ ଛାତ୍ର କମଲଲୋଚନ ଏବଂ ଛାତ୍ରୀ ସ୍ୱାଗତିକା ମହାନ୍ତି ସଂଯୋଜନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ନିମନ୍ତେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା ଏବଂ ବାର୍ଷିକ କ୍ରୀଡାରେ ଶ୍ରେଷ୍ଠ ୪ ଖେଳାଳୀ ତଥା +୨ ବାଳକ ଚୁଲି ସିଂ, ବାଳିକା ରାଇମଣି ହେମ୍ବ୍ରମ ଏବଂ +୩ ବାଳକ ରାମଚନ୍ଦ୍ର ମାରାଣ୍ଡି ଓ ବାଳିକାରେ କବିତା ମହାପାତ୍ରଙ୍କୁ ଚମ୍ପିୟାନ ଭାବେ ପୁରସ୍କୃତ କରାଯାଇଥିଲା। ରେଡକ୍ରସ୍‌ର ଛାତ୍ର ପରେଶ୍ ଦଳେଇ ରାଜ୍ୟସ୍ତରରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା ଏବଂ ଶେଷରେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଶାନ୍ତ ମହନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା ଯେଉଁଥିରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ଓଡ଼ିଆ ସିନେ ଜଗତର ଅଭିନେତ୍ରୀ ଡ. ଅନୁରାଧା ପାଣିଗ୍ରାହୀ ଏବଂ ତାଙ୍କ ସହ ରାଜ୍ ସଙ୍ଗମ ମେଲୋଡି ଟିମ୍। ଏହି ଉତ୍ସବକୁ ସରସ ସୁନ୍ଦର କରିବାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ କର୍ମଚାରୀ ତଥା ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ,ଏନ ସି ସି କ୍ୟାଡେଟ ମାନେ ସହଯୋଗ କରିଥିଲେ।

# ନୀଳଗିରି ମହାବିଦ୍ୟାଳୟରେ ଆଲୋଚନାଚକ୍ର




ନୀଳଗିରି, ୧୨ (ସମିସ): ନୀଳଗିରି ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ବିଭାଗ ପକ୍ଷରୁ 'ଭାରତରେ ବୈଦେଶିକ ନୀତି ଓ ବିକଶିତ ଭାରତ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ସଂଗ୍ରାମ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳ ଯୋଗଦେଇଥିଲେ।ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ଡ. ଉମାକାନ୍ତ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ଶଙ୍କର୍ଷଣ ନାୟକ, ବାସନ୍ତୀ ଦାସ ପ୍ରମୁଖ ଯୋଗଦେଇ ଶୀର୍ଷକବାବଦରେ ଆଲୋଚନା କରିଥିଲେ। ବିଭାଗର ଛାତ୍ରଛାତ୍ରୀମାନେ ନିଜନିଜର ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ସୀମାରାଣୀ ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାକିଡ଼ିଆ ଲୋକ ମହୋତ୍ସବ

ଜଳେଶ୍ୱର ବ୍ଲକ, ୧୨(ସମିସ): ୫୦ତମ ମାଘ ପୂର୍ଣ୍ଣିମା ଉପଲକ୍ଷେ ମାକିଡ଼ିଆ ପଂଚାୟତର ହାଟ ପଡିଆରେ ମାକିଡ଼ିଆ ଲୋକମହୋତ୍ସବ ଶୁଭାରମ୍ଭ ହେଇଯାଇଛି। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ଏସଡିପିଓ ସୁବ୍ରତ କୁମାର ବେହେରା ମିଳିତଭାବେ ଉଦଘାଟନ କରିଥିଲେ। ରାତି ଭାବେ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ଡ ରାଧା ଗୋବିନ୍ଦ କୁଇଲା, ସମ୍ମାନିତ ଅତିଥି ଏସଡିପିଓ ସୁବ୍ରତ ବେହେରା ଏବଂ ପ୍ରାକ୍ତନ ଏବିଓ ଗୋପାଳ ଚନ୍ଦ୍ର ସେନାପତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଷେତ୍ର ମୋହନ ରଣାଙ୍କ ଦ୍ୱାରା ଏହି ମେଳା ଆରମ୍ଭ



୮ଘଟିକାରେ ଅନୁଷ୍ଠିତ ସଭାରେ ଗୋବିନ୍ଦ ଭଗବାନ ସଭାପତିତ୍ୱ କରିଥିବାବେଳେ ମଞ୍ଚ ଆହ୍ୱାନ କରିଥିଲେ ବିଶେଶ୍ୱର ଘଡେଇ। ପୂର୍ବତନ ସରପଞ୍ଚ ଚନ୍ଦନ ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ହୋଇଥିଲା। ଏହି ଅବସରରେ ମଣ୍ଡୁଣିଆ ଗାଁର ବାଲୁକା ଶିଳ୍ପୀ ଅଜୟ କୁମାର ଘୋଷଙ୍କ ଦ୍ୱାରା ବାଲିରେ କ୍ଷେତ୍ର ମୋହନ ରଣାଙ୍କ ଚିତ୍ର, ଟସରର କାରୁକାର୍ଯ୍ୟ ଏବଂ ଚାଷ ଉପରେ ବାଲୁକା କଳା ପ୍ରଦର୍ଶିତ ହୋଇଥିଲା।

# ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ



ଜଳେଶ୍ୱର, ୧୨ (ସମିସ): ଜଳେଶ୍ୱର ଷ୍ଟେସନ ବଜାର ସ୍ଥିତ ସେଣ୍ଟ ଜାଭିୟାର ଇଣ୍ଟର ନ୍ୟାସନାଲ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଧାରଣ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ବରୁଣ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭୋଗରାଇ ମହାବିଦ୍ୟାଳୟର ଓଡିଆ ବିଭାଗ ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା ଯୋଗଦେଇଥରବା ବେଳେ ମୁଖ୍ୟବକ୍ତା ଭାବେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରତିଷ୍ଠାତା ବିରେନ କୁମାର ପାତ୍ର, ସ୍ଥାନୀୟ କାଉନସିଲର ସ୍ୱାଗତୀକା ପାଳ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନମୀତା ମହାନ୍ତି, ସ୍ଥିତିପ୍ରଜ୍ଞା ସେନାପତି ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ତଥା ସଙ୍ଗୀତ ଗୁରୁ ପ୍ରମୋଦ ପଣ୍ଡାଙ୍କ ତତ୍ତ୍ୱବଧାନରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା।

# ରେମୁଣା ମହୋତ୍ସବ ଉଦ୍‌ଯାପିତ




ରେମୁଣା,୧୨(ସମିସ): ରେମୁଣା ମହୋତ୍ସବ ୨୦୨୬ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଉପମୁଖ୍ୟ ସଚେତକ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ଉତ୍ତର ଓଡିଶା ସମ୍ବାଦ ମୁଖ୍ୟ ଚିତ୍ତରଞ୍ଜନ ଚିରଂଜିତ, ସମ୍ମାନିତ ଅତିଥି ଭାବେ ଏସଡିପିଓ ନୀଳଗିରି ପ୍ରମୋଦ କୁମାର ମଲ୍ଲିକ, ଅଧ୍ୟକ୍ଷ ଭାବେ ପୂର୍ବତନ ବିଧାୟକ ନୀଳଗିରି ପ୍ରଦୀପ୍ତ ପଣ୍ଡା, ସଭାପତି ବିଶ୍ୱମ୍ବର ପଟ୍ଟନାୟକ, ସମ୍ପାଦକ ସନ୍ତୋଷ କୁମାର ରଣା ଉପସ୍ଥିତ ରହି ରମଣୀୟ ରେମୁଣାର ଐତିହ୍ୟ ବିଷୟରେ ଭାଷଣ ରଖିଥିଲେ। ମହିଳା ମାନଙ୍କ ଭିତରେ ଶଙ୍ଖ ବାଦନ ଓ ହୁଳହୁଳି ପ୍ରତିଯୋଗିତା, ଲୋକାଲ ଟାଲେଣ୍ଟ ଶୋ,ଏବଂ ସନ୍ଧ୍ୟାକୁ ଜୀ ଟିଭି ସାରେଗାମାପାର ବିଜେତା ଶେଖ ଅବଦୁଲ ଏବଂ ଇଣ୍ଡିଆନ ଆଇଡଲ ବିଜେତା ଜୁନେ ଦାସ ତାଙ୍କର ନୃତ୍ୟ ଓ ଗୀତ ଦ୍ୱାରା ଦର୍ଶକଙ୍କୁ ବିମୋହିତ କରିଥିଲେ। ରମ୍ୟ ରେମୁଣା ପୁସ୍ତକର ଲୋକାର୍ପଣ କରାଯାଇଥିଲା। ମାଧବାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# ସିମୁଳିଆ ମହୋତ୍ସବ ଉଦ୍‌ଯାପିତ

ସିମୁଳିଆ, ୧୨ (ସମିସ): ୧୨ତମ ସିମୁଳିଆ ମହୋତ୍ସବ ଉଦ୍‌ଯାପିତ ହୋଇଛି। ମହୋତ୍ସବର ସଭାପତି ଗୋକିଳା ନନ୍ଦ ମିଶ୍ର, ସମ୍ପାଦକ କମଳଶ୍ରୀ ମହାନ୍ତିଙ୍କ ସହଯୋଗରେ ମହୋତ୍ସବର ଅନ୍ତିମ ଦିବସ ଶାନ୍ତି ଶୃଙ୍ଖଳାରେ ଶେଷ ହୋଇ ଯାଇଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି, ମୁଖ୍ୟବକ୍ତା ଏଏସବି ମେଡିକାଲର ମୁଖ୍ୟ ସୁଦର୍ଶନ କୁମାର ମହାପାତ୍ର, ସମ୍ମାନିତ ଅତିଥି ବିଜୟ କୁମାର ଗୁପ୍ତା. ବାଲେଶ୍ୱର ଜିଲ୍ଲା କୋଅପରେଟିଭ ପ୍ରେସିଡେଣ୍ଟ ଗଣେଶ୍ୱର ମହାପାତ୍ର, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଣୁମାଧବ ପଣ୍ଡା, ନୀଳମାଧବ ପଣ୍ଡା, ସମିତି ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ସୂର୍ଯ୍ୟକାନ୍ତ ମହାପାତ୍ର, ଗଙ୍ଗାଧର ଜେନା. ଆଇ ଆଇ ସି ଦେବରାଜ ଜେନା. ପଦ୍ମଲୋଚନ ନାୟକ, କମଳାକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ମା' ବାମକାଳୀ କ୍ରିକେଟ: କଳାକାଦ ଚାମ୍ପିଅନ

ନୀଳଗିରି,୧୨ (ସମିସ): ଔପଦା ବ୍ଲକ ଦକ୍ଷିଣନରସିଂହପୁର ପଞ୍ଚାୟତ ଗାଙ୍ଗପୁରା ଖେଳପଡିଆରେ ମା ବାମକାଳୀ କ୍ରିକେଟକ୍ଲବ ପକ୍ଷରୁ ଅନୁଷ୍ଠିତ ଦୁଇଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ମୋଟ ୮ଟି ଦଳକୁ ନେଇ ଏହି ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିବାବେଳେ ଫାଇନାଲ ମ୍ୟାଚ କଳାକାଦ କ୍ରିକେଟ କ୍ଲବ ଓ ମହାରାଜପୁର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ୯ ଓଭର ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ମହାରାଜପୁର ଦଳ ୯୪ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ କଳାକାଦ କ୍ରିକେଟ କ୍ଲବ ୪ଟି ୱିକେଟ ହରାଇ ୭ଓଭରରେ ମ୍ୟାଚଟିକୁ ଜିତି ଚାମ୍ପିଅନ ହୋଇଥିଲେ। ଯୁବ ସମାଜସେବୀ ମାନସରଞ୍ଜନ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଖେଳକୁ କ୍ଲବର ବିସ୍ମୟ କୁମାର ମଲ୍ଲିକ, ସୁଜିତ୍ କୁମାର ପ୍ରଧାନ, ଲଳିତ ମହାରଣା, ବିଶ୍ୱଜିତ୍ ମହାରଣା, ସଞ୍ଜୟ ମହାଳିକ, ଜୟକୃଷ୍ଣ ଜେନା, ଚନ୍ଦନ ସଲ, ଶ୍ରୀତମ ପ୍ରଧାନ, ମାୟା ପ୍ରଧାନ, ସତ୍ୟମ୍ ପ୍ରଧାନ, ବିକ୍ରମ ଜେନା, କମଳ ଲୋଚନ ନାୟକ, ପଙ୍କଜ ପ୍ରଧାନ, ମହେଶ୍ୱର ପଣ୍ଡା, ପ୍ରୀତିଶ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାହିତ୍ୟିକ ପ୍ରଶାନ୍ତ ମହାନ୍ତିଙ୍କ ସ୍ମୃତିସଭା



ବାଲିଆପାଳ, ୧୨ (ସମିସ): ପୁସ୍ତକର ସ୍ଥାନ କେହି ନେଇପାରେ ନାହିଁ। ମୋବାଇଲର ବହୁଳ ବ୍ୟବହାର ଭିତରେ ପୁସ୍ତକ ପଢ଼ିବାର ଆଗ୍ରହ କମି କମି ଯାଉଛି ବୋଲି ରବିବାର ବସ୍ତା ବ୍ଲକ୍ ଅର୍ନ୍ତଗତ ଗୁହାଳିପଦା ଗ୍ରାମରେ ସ୍ୱର୍ଗତ ସୁସାହିତ୍ୟିକ ପ୍ରଶାନ୍ତ କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ସ୍ମୃତି ଚାରଣ ସଭା ଏବଂ ପୁସ୍ତକ ଉନ୍ମୋଚନ ଅବସରରେ ଅତିଥି ମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ସମାଜସେବୀ ଜୟନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଉଦଘାଟକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଦାଶ, ମୁଖ୍ୟଅତିଥି ଶ୍ରୀକାନ୍ତ ଚରଣ ପାତ୍ର, ମୁଖ୍ୟ ବକ୍ତା ସୁସାହିତ୍ୟିକ ଡ଼ କାଳିପଦ ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଶିକ୍ଷାବିତ ରମେଶ ନାୟକ, ଅଧ୍ୟାପକ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ସ୍ୱର୍ଗତ ମହାନ୍ତିଙ୍କର "ପ୍ରଶାନ୍ତ ମହାନ୍ତି ରଚନା ସମଗ୍ର' ଓ ନାତୁଣୀ ରିଧିରିତ୍ୟାଶା ମହାନ୍ତିଙ୍କର "ନବ କଳିକା' ପୁସ୍ତକକୁ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପୁତ୍ର ରାଜେଶ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କବି ନଳିନୀକାନ୍ତ ପାଢୀ, ଜୟନ୍ତୀ ରାଉତ, ନିତ୍ୟାନନ୍ଦ ପ୍ରଧାନ, ରାମଚନ୍ଦ୍ର ରାଉତ୍, ସାନ ଭାଇ ପ୍ରଫୁଲ୍ଲ ମହାନ୍ତି, ପ୍ରଭାକର ଜେନା ଇତ୍ୟାଦି ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଚିରନ୍ତନ ଚନ୍ଦ୍ରଶେଖର ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ: ଭୁବନେଶ୍ୱର ଟାଉନ କ୍ଲବ ଚାମ୍ପିଅନ

ଖଇରା, ୧୨ (ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ପତିରାଜପୁର ମିନି ଷ୍ଟାଡିୟମରେ ଚାଲିଥିବା ଚିରନ୍ତନ ଚନ୍ଦ୍ରଶେଖର ସ୍ମାରକୀ ଆନ୍ତରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି। ଫାଇନାଲରେ ଭୁବନେଶ୍ୱରର ଟାଉନ କ୍ଲବ ଯାଜପୁର ମା' ଜାଗୁଲାଇ ଇଲେଭେନକୁ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ୨୦ ଓଭରରେ ୬ ଉଇକେଟ୍ ବିନିମୟରେ ୨୮୨ ରନ କରିଥିଲା। ଜବାବରେ ଯାଜପୁର ଚାପରେ ଖେଳ ଆରମ୍ଭ କରି ମାତ୍ର ୧୬ ଓଭର ପର୍ଯ୍ୟନ୍ତ ତିଷ୍ଠି ରହିବାକୁ ସମର୍ଥ ହୋଇଥିଲା। ପ୍ରଭାତ ସାହୁ, ଇଶ୍ୱର ମାଝୀ ଓ ପ୍ରଦିପ ଘଡେଇ ମ୍ୟାଚ ପରିଚାଳନା କରିଥିଲେ। ସମ୍ପଦ ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆକାଂକ୍ଷା ପାୱାରର ପରିଚାଳନା ନିର୍ଦ୍ଦେଶକ ବିପିନ ଦାସ ମହାପାତ୍ର ମୁଖ୍ୟଅତିଥି, ସରପଞ୍ଚ ପୁଷ୍ପଲତା ଘଡେଇ, ପୂର୍ବତନ ସମିତି ସଭ୍ୟ କୈଳାସ ମାଝି, ସମବାୟ ସମିତି ସମ୍ପାଦକ ବିକାଶ ନାୟକ, ସାମ୍ବାଦିକ ସଂଘର ସଭାପତି ଉତ୍କଳ ବନ୍ଧୁ ପଣ୍ଡା, ଅନ୍ୟତମ ସାମ୍ବାଦିକ କୈଳାସ ବେହେରା, ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ସେଣ୍ଡ ଓ ରମାକାନ୍ତ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଚାମ୍ପିଅନ ଭୁବନେଶ୍ୱର ଟିମକୁ ସିଲ୍ଡ ସହ ୫୦ ହଜାର ଓ ରନର୍ସ ଅପ ଟିମକୁ କପ ସହ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। କ୍ଷେତ୍ରମୋହନ ସାହୁ, ତନ୍ମୟ ନାୟକ ଦିପ୍ତିମୟ ଜେନା ସ୍କୋର ଦାୟିତ୍ୱରେ ଏବଂ କୈଳାସ ମାଝି ଓ ଶିବଶଙ୍କର ମହାନ୍ତି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଚଣ୍ଡିମାତା ୟୁଥ କ୍ଲବର ସଦସ୍ୟ ମାନେ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପୋରୀ ଉଦ୍‌ଘାଟିତ

ବିଶୋଇ,୧।୨(ସମିସ)

ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ ଓ ଗାଇଡ୍ କ୍ୟାମ୍ପୋରୀ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦଘାଟନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ମୟୂରଭଞ୍ଜ ଜିଲ୍ଲା ସ୍କାଉଟ ଓ ଗାଇଡ୍‌ର ମୁଖ୍ୟ କମିଶନର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ପ୍ରଭୁ ଜଗନ୍ନାଥ, ସ୍କାଉଟ ଓ ଗାଇଡ୍‌ର ଜନ୍ମଦାତା ବାଡେନ ପାୱେଲଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯିବା ପରେ ଅତିଥିଙ୍କ ଉଦ୍ଦେଶ୍ୟରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଭାଦବ୍ ହାଁସଦା ଯୋଗଦେଇ କ୍ୟାମ୍ପୋରୀକୁ ଉଦଘାଟନ କରିବା ସହିତ ସମାଜସେବା କ୍ଷେତ୍ରରେ ସ୍କାଉଟ ଓ ଗାଇଡ୍‌ର ଉଲ୍ଲେଖନୀୟ ଅବଦାନ ରହିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୀବ ମହାନ୍ତି ଯୋଗଦେଇ ସ୍କାଉଟ ଓ ଗାଇଡ୍ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ ସୃଷ୍ଟି କରିବାର କ୍ଷମତା ରଖିବା ସହିତ ଶୃଙ୍ଖଳିତ ଜୀବନ ବଞ୍ଚିବାରେ ପ୍ରେରଣା ଯୋଗାଇଥାଏ। ସ୍ୱତନ୍ତ୍ର ଅତିଥି ଭାବେ ବିଶୋଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସ ଯୋଗଦେଇ ଶାରୀରିକ ଓ ମାନସିକ ଦକ୍ଷତା ବିକାଶରେ ସ୍କାଉଟ ଓ ଗାଇଡ୍‌ର ନୀତି ଆଦର୍ଶ ସହାୟକ କରେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଭାଗୀରଥି ମଲ୍ଲିକ, ବିଶୋଇ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ସାଂଗଠନିକ ସମ୍ପାଦିକା ସନ୍ତୋଷିନୀ ମୋଦି, ଶିକ୍ଷକ ସଂଘ ସମ୍ପାଦକ ରାଜେନ୍ଦ୍ର ମହାନ୍ତ, ବନେଇକଳା ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବଳରାମ ସାହୁ, ସ୍କାଉଟର ପ୍ରାକ୍ତନ ଡିଓସି ଶରତ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସ୍କାଉଟ ଡିଓସି ବିଜୟ ପାଣିଗ୍ରାହୀ ସ୍ୱାଗତ ଭାଷଣ, ବିଆରଟି କିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକ ବିବରଣୀ ପ୍ରଦାନ କରିଥିଲେ।

ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୫୫ ସ୍କାଉଟ ଛାତ୍ର ଓ ୨୮୪ ଗାଇଡ୍ ଛାତ୍ରୀ କ୍ୟାମ୍ପୋରୀରେ ଉପସ୍ଥିତ ରହି ତିନିଦିନ ଧରି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଉଦଘାଟନୀ ଦିବସର ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କ୍ୟାମ୍ପୋରୀର ଦ୍ୱିତୀୟ ଦିବସରେ ପ୍ରଦର୍ଶନୀ ଦକ୍ଷତା, ପ୍ରାଥମିକ ଚିକିତ୍ସା ଓ ଅଗ୍ରଣୀ କାର୍ଯ୍ୟ, କୁଇଜ, ସଙ୍ଗୀତ, ରାମ୍ପ ଶୋ, ଖାଦ୍ୟ ପ୍ରଦର୍ଶନୀ ଓ ଗ୍ଲୋବାଲ ଗ୍ରାମ ଭଳି ବିଭିନ୍ନ ପ୍ରତିଯୋଗିତା ସାଙ୍ଗକୁ ଉଦଯାପନୀ ଦିବସରେ ଦୁଃସାହସିକ କାର୍ଯ୍ୟକଳାପ ଅନୁଷ୍ଠିତ ହେବ। ସ୍କାଉଟର ଜିଲ୍ଲା ଡିଓସି ବିଜୟ ପାଣିଗ୍ରାହୀ, ଗଣେଶ ବେହେରା, ସରୋଜ ମହାନ୍ତ, ଗାଇଡର ଡିଓସି ସୁଲଚନା ମଙ୍ଗରାଜ, ସାବିତ୍ରୀ ମିଶ୍ର ସମେତ ସ୍କାଉଟ ଓ ଗାଇଡ୍‌ର ସମୁଦାୟ ୧୩୦ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ତିନିଦିନ ଧରି ସ୍କାଉଟ ଓ ଗାଇଡ୍‌ର ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା ପରିଚାଳନା ହେବ। ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଗିରି, ରଞ୍ଜନ ଗିରି, ସୂର୍ଯ୍ୟ ନାଏକ, ଜିତେନ୍ଦ୍ର ମାଝୀ, ଜୟରାମ ବେହେରା, ନାରାୟଣ ବସା, ତୁଷାର ନନ୍ଦ, ଭୂପତି ଭୂଷଣ ଧଳ, ବିଶ୍ୱରଞ୍ଜନ ଜେନା, ଖୋଇର ଧଳ, ମନ୍ମଥ ନାୟକ, ଗଜେନ୍ଦ୍ର ଗିରି, ମନୋଜ ବେହେରା, ଅଶୋକ ଗିରି, ସୁଭସ୍ମିତା ବାରଦା, ମାର୍ଥା ବାରଦା, କୃଷ୍ଣାରାଣୀ ଜେନା, ଶରତ ସେଠୀ, ରାଧେଶ୍ୟାମ ପରିଡାଙ୍କ ସମେତ ବ୍ଲକର ସମସ୍ତ ସିଆରସିସି, ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




‘ସ୍କାଉଟ ଓ ଗାଇଡ୍ ନେତୃତ୍ୱ ସୃଷ୍ଟି କରେ’

## କଳାବାଡିଆ ଛକ ନିକଟରେ ସିରିଜ୍ ଦୁର୍ଘଟଣା

କଳାବାଡ଼ିଆ,୧।୨(ସମିସ): ବାଙ୍ଗିରିପୋଷି ଥାନା ଜାତୀୟ ରାଜପଥ ୧୮ ନଂର ଘୁଣ୍ଟୁରୁ ପୋଲ ନିକଟରେ ଏକ ଟ୍ରେଲର ଛିଡ଼ା ହୋଇଥିବାବେଳେ ଅନ୍ୟଏକ ଟ୍ରେଲର ପଛରୁ ଧକ୍କା ଦେଇଥିଲା। କୁହୁଡି ହୋଇଥିବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ଫଳରେ କିଛି ସମୟ ରାସ୍ତା ଜାମ୍ ହୋଇଯାଇଥିଲା। ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରରେ ଚାପି ହୋଇଥିବା ଡ୍ରାଇଭରଙ୍କୁ ଉଦ୍ଧାର କରି ଏନଏଚ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇଥିଲେ। ପୁଲିସ ପହଞ୍ଚି ରାସ୍ତା ଜାମ ହଟାଇଲା ପରେ ଗମନାଗମନ ସ୍ୱାଭାବିକ ହୋଇଥିଲା।

## ନଦୀ କୂଳରୁ ନବଜାତକ ମୃତଦେହ ଉଦ୍ଧାର



ରାଇରଙ୍ଗପୁର/ଯଶିପୁର,୧।୨(ସମିସ): ଯଶିପୁର ଥାନା ଅନ୍ତର୍ଗତ ରାମତୀର୍ଥସ୍ଥ ନଦୀ କୂଳରୁ ନବଜାତକ ମୃତଦେହ ଉଦ୍ଧାର ହୋଇଛି। ରବିବାର ଅପରାହ୍ନରେ ପାଣିରେ ଏକ ନବଜାତକର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକ ଦେଖିଥିଲେ। ଏନେଇ ଯଶିପୁର ଥାନା ଓ ଅଗ୍ନିଶମ ବିଭାଗକୁ ତୁରନ୍ତ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନବଜାତକ ମୃତଦେହକୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେହି ଜନ୍ମିତ ନବଜାତକକୁ ପାଣିରେ ଭସାଇ ଦେଇଥିବା ସନ୍ଦେହ କରାଯାଇଛି। ପୁଲିସ ପକ୍ଷରୁ ଘଟଣାକୁ ନେଇ ତଦନ୍ତ ପ୍ରକ୍ରିୟା ଜାରି ରହିଛି। କେହି ଅବିବାହିତ ଯୁବତୀ ଜନ୍ମ ଦେଇ ଲୋକଲଜ୍ଜା ଭୟରେ ଫୋପାଡି ଦେଇଥିବା ପୁଲିସ ଅନୁମାନ କରୁଛି।

## ପୁଲିସ ସମ୍ମୁଖରେ ମଦ ଢାଳିଲେ ମହିଳା



ତୁରୁମୁଙ୍ଗା, ୧।୨(ସମିସ): ଗାଁରେ ଚୋରା ଦେଶୀ ମହୁଲି ମଦ ବିକ୍ରିକୁ ନେଇ ତାତିଲେ ମହିଳା। ପୁଲିସ ଉପସ୍ଥିତିରେ ଘର ଘର ବୁଲି ମହୁଲି ମଦକୁ ଜବତ କରି ଢାଳି ନଷ୍ଟ କରିଛନ୍ତି। କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ମଲାରପଦା ପଞ୍ଚାୟତ ଯାମୁଦା ଗ୍ରାମରେ ରବିବାର ଏଭଳି ଘଟଣା ଘଟିଛି। ମଲାରପଦା ପଞ୍ଚାୟତର ସମିତିସଭ୍ୟ ଗଜାନନ ନାଏକ, ନାଏବ ସରପଞ୍ଚ ନେତ୍ରାନନ୍ଦ ମହାନ୍ତ, ସମାଜସେବୀ ମନୋଜ ଘଣାଙ୍କ ନେତୃତ୍ୱରେ ଦୁଇ ଦିନ ତଳେ ମହିଳାମାନେ ମଦ ବିରୋଧୀ ରାଲି କରି ସଚେତନ କରିଥିଲେ ମାତ୍ର ମଦ ମାଫିଆ ପୁଣି ଗାଁରେ ମଦ ବିକ୍ରି କରିଥିବାରୁ ଆଜି ଜାମୁଦା ଗ୍ରାମର ମହିଳାମାନେ ୫ ଜଣଙ୍କ ଘରୁ ଦେଶୀ ମଦକୁ ଜବତ କରି ଆଣି ପୁଲିସ ସମ୍ମୁଖରେ ନଷ୍ଟ କରିଛନ୍ତି।

## ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷାରେ ବିଳମ୍ବକୁ ନେଇ ଅସନ୍ତୋଷ

ବେତନଟୀ, ୧।୨(ସମିସ): ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ଏମପିସି ଉଚ୍ଚ ବିଦ୍ୟାଳୟରେ ଏନ୍‌ଏମ୍‌ଏମ୍‌ଏସ ବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ଗୋଟିଏ ଦିନରେ ଦୁଇଟି ସିଟିଂରେ ହେଉଥିବାବେଳେ ଦ୍ୱିତୀୟ ସିଟିଂ ପରୀକ୍ଷା ୨ ଘଣ୍ଟା ବିଳମ୍ବରେ ହୋଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ବେତନଟୀ ବ୍ଲକ୍ ଅଧୀନରେ ବୈଶିଙ୍ଗା ଓ ବେତନଟୀରେ ଦୁଇଟି ସେଣ୍ଟର କରାଯାଇଥିବାବେଳେ ପ୍ରଥମ ସିଟିଂରେ ୯୦ ମାର୍କର ପରୀକ୍ଷା ପାଇଁ ୧୧ଟାରୁ ୧୨:୩୦ ମିନିଟ୍ ସମୟ ଧାର୍ଯ୍ୟ ହୋଇଥିଲା। ଏହି ପରୀକ୍ଷା ଠିକ୍ ସମୟରେ ହୋଇଥିବାବେଳେ ଦ୍ୱିତୀୟ ସିଟିଂ ପରୀକ୍ଷା ପାଇଁ ସେହି ୯୦ ମାର୍କ ଥିବାବେଳେ ସମୟ ୨ଟାରୁ ୩:୩୦ ସମୟରେ ସରିବାର ପୂର୍ବରୁ ନିର୍ଦ୍ଧାରିତ ଥିଲା। ସେହି ସମୟ ମଧ୍ୟରେ ନ ହୋଇ ଦୁଇ ଘଣ୍ଟା ବିଳମ୍ବରେ ୪ଟାରୁ ଆରମ୍ଭ ହୋଇ ୫:୩୦ ମିନିଟରେ ଶେଷ ହୋଇଥିଲା। ଏହାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ବିଳମ୍ବ ପରୀକ୍ଷା ପାଇଁ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ପରୀକ୍ଷା ଦେବାକୁ ଆସିଥିବା ପିଲାମାନେ ସ୍କୁଲ୍ ଡ୍ରେସ୍ ପିନ୍ଧିଥିଲେ। ଶୀତବସ୍ତ୍ର ଆଣି ନ ଥିବାବେଳେ ୧: ୩୦ରୁ ପିଲାଙ୍କୁ ପରୀକ୍ଷା ହଲରେ ବସାଇ ଦେଇ ଏକାଥରେ ୫: ୩୦ରେ ଛଡ଼ାଯାଇଥିଲା। ଫଳରେ ଛାତ୍ରଛାତ୍ରୀ ମାନେ ଖାଦ୍ୟ ନ ଖାଇ ଅଧିକ ସମୟ ଭୋକରେ ରହିଥିଲେ। ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଏହି ବୃତ୍ତି ପରୀକ୍ଷା ଦେଇ କୃତକାର୍ଯ୍ୟ ହେଲେ ସରକାରଙ୍କ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ୧୦୦୦ ଟଙ୍କାର ବୃତ୍ତି ରାଶି ପ୍ରଦାନ କରାଯାଏ। ବେତନଟୀ ଏମପିସି ବିଦ୍ୟାଳୟରେ ହୋଇଥିବା ସେଣ୍ଟରରେ ୧୮୭ ଜଣ ଛାତ୍ରଛାତ୍ରୀଙ୍କ ଏନ୍‌ଏମଏମଏସ ବୃତ୍ତି ପରୀକ୍ଷା ହୋଇଥିଲା। ପ୍ରଥମ ସିଟିଂ ପାଇଁ ୧୮୭ ଖଣ୍ଡ ପ୍ରଶ୍ନ ପତ୍ର ଆସିଥିବାବେଳେ ଦ୍ୱିତୀୟ ସିଟିଂରେ ୪୫ ଖଣ୍ଡ ପ୍ରଶ୍ନ ପତ୍ର କମ୍ ଥିବା ଜଣାପଡିଛି। ଏ ସମ୍ପର୍କରେ ବେତନଟୀ ଏମପିସି ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂ ଓ ବେତନଟୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କରଙ୍କୁ ପଚାରିବାରୁ କମ୍ ପ୍ରଶ୍ନ ପତ୍ର ଆସିଥିବାରୁ ପରୀକ୍ଷାରେ ୨ ଘଣ୍ଟା ବିଳମ୍ବ ହୋଇଥିଲା। ଏଜେନ୍ସି ଦ୍ୱାରା ପ୍ରଶ୍ନପତ୍ର ଆସିବା ପରେ ପରୀକ୍ଷା ଆରମ୍ଭ ହୋଇଥିଲା ବୋଲି କହିଥିଲେ।

ଗୋପବନ୍ଧୁନଗର ପ୍ରେସ୍ କ୍ଲବ୍‌ର ସପ୍ତମ ବାର୍ଷିକ ଉତ୍ସବ

## ‘ଗଣମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ’



କୁଆମରା,୧।୨(ସମିସ): ଗୋପବନ୍ଧୁନଗର ପ୍ରେସ କ୍ଲବର ସପ୍ତମ ବାର୍ଷିକ ଉତ୍ସବ କୁଆମରା ସାରସ୍ୱତ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବଡ଼ସାହି ତହସିଲଦାର କରୁଣାକର ଧିନ୍ଦା, ସ୍ୱତନ୍ତ୍ର ଅତିଥି ଗୋପବନ୍ଧୁନଗର ବିଡିଓ ପୃଥୀରାଜ ପରିଡ଼ା, ମୁଖ୍ୟବକ୍ତା ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାର ରମେଶ ନାୟକ, ସମ୍ମାନିତ ଅତିଥି ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, କୁଆମରା ସାରସ୍ୱତ ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁବଳ ଦାସ, ଖୁଣ୍ଟା ବ୍ଲକ ସହକାରୀ ଯନ୍ତ୍ରୀ ବିନୟ ଜ୍ୟୋତି ଲେଙ୍କା ପ୍ରମୁଖ ଯୋଗଦେଇ ଗଣମାଧ୍ୟମ ବିନା ସମାଜର ସଚେତନତା ଅସମ୍ଭବ ବୋଲି ମତବ୍ୟକ୍ତ କରିବା ସହ ସାମ୍ବାଦିକମାନେ କର୍ତ୍ତବ୍ୟବୋଧ ଓ ନିରପେକ୍ଷତା ହେବା ସହ ତଥ୍ୟଭିତ୍ତିକ ସମ୍ବାଦ ପରିବେଷଣ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ରଞ୍ଜନ କୁମାର ମଡୁଆଲ ଧନ୍ୟବାଦ ଓ ଶିକ୍ଷକ ବଙ୍କିମ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଏ ଅବସରରେ ଉଦଳା, କପ୍ତିପଦା, ବଡ଼ସାହି ଓ ବେତନଟୀ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ଶ୍ରୀକାନ୍ତ ନାୟକ, ସୁବ୍ରତ ମହାନ୍ତି, ଅଭିଜିତ ବେହେରା, ସୁଶାନ୍ତ ମିଶ୍ର, ନିହାର ରଞ୍ଜନ ମହାପାତ୍ର, ମନୋରଞ୍ଜନ ବେହେରା, ବିମଳେନ୍ଦୁ ମହାପାତ୍ର ଓ ବିଦ୍ୟାଧର ପଣ୍ଡିତଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଭବାନୀ ଶଙ୍କର ବେହେରା, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୈଧୁରୀ ଓ କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତିଙ୍କୁ ମଧ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଭା ପ୍ରାରମ୍ଭ ଓ ଶେଷରେ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। ପ୍ରେସ କ୍ଲବ୍ ସଦସ୍ୟ ଚିତ୍ତରଞ୍ଜନ ଦଳେଇ, ଶାନ୍ତନୁ ମଡୁଆଲ, ଯୋଗେଶ୍ୱର ସାହୁ, ଦୀପକ ଚୌଧୁରୀ, ବିଶ୍ୱଜିତ ଦାଶ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ, ଡଃ କୁମାର ବାବୁଲି, ସମ୍ବିତ ରାଉତ, ସୂର୍ଯ୍ୟକାନ୍ତି ପୂହାଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୁଢ଼ୀଖମାରି ପଞ୍ଚାୟତ ପକ୍ଷରୁ କମ୍ବଳ ବଣ୍ଟନ



ବାରିପଦା,୧।୨(ସମିସ): ସମାଜରେ ନିଃସଙ୍ଗ ଜୀବନ ବିତାଉଥିବା ଅସହାୟଙ୍କୁ ଚିହ୍ନଟ କରି ବୁଢ଼ୀଖମାରି ପଞ୍ଚାୟତ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ କିରଣ ନାୟକଙ୍କ ଗଠନମୂଳକ ପଦକ୍ଷେପ ସ୍ୱରୂପ ସମାଜରେ ଏକାକୀ ଅତ୍ୟନ୍ତ ଅସହାୟ ଅବସ୍ଥାରେ ବସବାସ କରୁଥିବା ପୁରୁଷ ଓ ମହିଳାଙ୍କ ପାଇଁ ସାହାଯ୍ୟ ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବୁଢ଼ୀଖମାରି ପଞ୍ଚାୟତ ଅଧୀନ କୈଳାସଚନ୍ଦ୍ରପୁର, କାଠପାଳ, ନୟାପୁରୁଷୋତ୍ତମପୁର, ବୁଢୀଖମାରି, ଡୁଭିଆ, ଆହାରୀ, ରାଧକାଶୋଳ, ରାଗ ପ୍ରଭୃତି ଗ୍ରାମରେ ୧୨ଜଣ ନିଃସଙ୍ଗ ଜୀବନ ବିତାଉଥିବା ଅସହାୟଙ୍କୁ ଚିହ୍ନଟ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ କିରଣ ନାୟକଙ୍କ ସଂଯୋଜନା ଓ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ବାରିପଦା ସଦର ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସରପଞ୍ଚ ଦାନ୍ଧୁ ମୁର୍ମୁ, ଏଡିଇଓ ନେପଲ ବର୍ଷନ, ଯୋଗାଣ ସହାୟକ ସିଲୁ ମହାନ୍ତ, ପିଅନ ଲେପା ସିଂଙ୍କ ସମେତ ପଞ୍ଚାୟତର ୱାର୍ଡ ସଦସ୍ୟସଦସ୍ୟାଙ୍କ ମଧ୍ୟରେ ନାଏବ ସରପଞ୍ଚ ମାଳତୀ ସିଂ, ଚମ୍ପା ହାଁସଦା, ନରହରି ସିଂ, ଲକ୍ଷ୍ମଣ ଦେହୁରୀ, ପଞ୍ଚାୟତର ଯୁବ ସମାଜସେବୀ ସନାତନ ପୂର୍ତ୍ତି, ପ୍ରଶାନ୍ତ ମହାନ୍ତ ଓ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଅସହାୟଙ୍କ ଘରକୁ ଘର ଯାଇ କମ୍ବଳ ବଣ୍ଟନ କରିବା ସହିତ ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

## ଅଟୋ-ବାଇକ୍ ଧକ୍କା; ୪ ଗୁରୁତର



ତେଲକୋଇ, ୧।୨(ସମିସ): ତେଲକୋଇ ଥାନା ଅନ୍ତର୍ଗତ ଜଗମୋହନପୁର ରାସ୍ତା ହାଇସ୍କୁଲ ଛକ ନିକଟରେ ଅଟୋ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକରେ ଥିବା ୩ ଜଣ ଓ ଅଟୋ ଡ୍ରାଇଭର ଗୁରୁତର ହୋଇଛନ୍ତି। ସେମାନେ ହେଲେ ହାଲପୋଡ଼ି ଗ୍ରାମର ସୁନୀତା ମୁଣ୍ଡା (୩୭), ଜଗନ୍ନାଥ ମୁଣ୍ଡା (୨୨), ମମି ମୁଣ୍ଡା (୮) ଏବଂ ଅଟୋ ଡ୍ରାଇଭର ଓରିଆ ଗାଁର ହୋଇଥିବା ବେଳେ ପରିଚୟ ମିଳି ପାରି ନାହିଁ। ସୂଚନା ଅନୁଯାୟୀ, ଜଗନ୍ନାଥ ବାଇକ୍ ଯୋଗେ ସୁନୀତା ଓ ମମିଙ୍କୁ ନେଇ ତେଲକୋଇ ବଜାରରୁ ଘରକୁ ଫେରୁଥିବା ବେଳେ ହାଇସ୍କୁଲ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେମାନଙ୍କୁ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଜିଲ୍ଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି କିଛି ବର୍ଷ ପୂର୍ବରୁ ଜଗନ୍ନାଥଙ୍କ ଏକ ଟ୍ରାକ୍ଟର ଦୁର୍ଘଟଣାରେ ହାତ ଭାଙ୍ଗି ଯାଇଥିଲା। ଫଳରେ ଏକ ପ୍ଲାଷ୍ଟିକ ହାତ ଲଗାଇ ସେ ନିଜର କାର୍ଯ୍ୟ କରୁଥିଲେ। ଆଜି ଦୁର୍ଘଟଣାରେ ତାଙ୍କର ଡାହାଣ ଗୋଡ଼ ପୁଣି ଭାଙ୍ଗି ଯାଇଥିବା ଜଣାପଡ଼ିଛି। ତେଲକୋଇ ପୁଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ବଡ଼ବିଲ ମହୋତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ

## ଜମୁଛି ଖାଦ୍ୟ ପସରା ଓ କଳାକୃତି ଷ୍ଟଲ୍



ବଡ଼ବିଲ, ୧।୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥି ଭାବେ ଯୋଗଦେଇଥିଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍। ସେ କିରିବୁରୁ ଛକଠାରେ ପହଞ୍ଚିବା ପରେ ତାଙ୍କୁ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ପାଛୋଟି ନେଇ ଉତ୍ସବ ପଡ଼ିଆକୁ ନିଆଯାଇଥିଲା। ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ପୌରଅଧିକାରୀ ରମେଶଚନ୍ଦ୍ର ନାୟକ, ବଡ଼ବିଲ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଗୁପ୍ତ ପ୍ରସାଦ, ସମ୍ପାଦକ ନୀଳମଣି ମହାନ୍ତ ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀଙ୍କୁ ପାରମ୍ପରିକ ବାଦ୍ୟ ଓ ନୃତ୍ୟର ତାଳେ ତାଳେ ସ୍ୱାଗତ କରି ମଞ୍ଚକୁ ପାଛୋଟି ନେଇଥିଲେ। ମନ୍ତ୍ରୀଙ୍କ ସହ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଓ ଜିଲ୍ଲା ବିଜେପି ସଭାପତି ସୁକଦେବ ମହାନ୍ତ ମଞ୍ଚାସୀନ ହୋଇଥିଲେ। ଏହି ବଡ଼ବିଲ ମହୋତ୍ସବରେ ଭଳିକି ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସେଠାରେ ଲାଗିଥିବା ବିଭିନ୍ନ ଷ୍ଟଲରେ ନାନାଦି କଳାକୃତି ଓ ବିଭିନ୍ନ ସଂଗଠନର ପ୍ରସ୍ତୁତି ସାମଗ୍ରୀ ସାଙ୍ଗକୁ ବଡ଼ବିଲ ବନଖଣ୍ଡ ବିଭାଗ ପକ୍ଷରୁ କରାଯାଇଛି। ପ୍ରଦର୍ଶନୀ ଓ ବିଭିନ୍ନ ଖାଦ୍ୟସାମଗ୍ରୀ ଲୋକଙ୍କୁ ବେଶ୍ ଆକୃଷ୍ଟ କରୁଛି। ମନୋରଞ୍ଜନ କରିବାର ଖୋରାକ ଯୋଗାଇଥିବା ଦେଖିବାକୁ ମିଳୁଛି। କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ବଡ଼ବିଲ ପୁଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

## ବ୍ଲକ୍‌ସ୍ତରୀୟ ସମ୍ପୂର୍ଣ୍ଣତା ୨.୦ ଶୁଭାରମ୍ଭ




ତେଲକୋଇ, ୧।୨(ସମିସ): ତେଲକୋଇ ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସମ୍ପୂର୍ଣ୍ଣତା (ଆକାଂକ୍ଷା ସଚେତନତା) ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ନିତି ଆୟୋଗ ପକ୍ଷରୁ ସଂପୂର୍ଣ୍ଣତା ଅଭିଯାନ ୨.୦ ମାଧ୍ୟମରେ ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ତଥା ପ୍ରାଣୀ ସମ୍ପଦ କ୍ଷେତ୍ରରେ ଶତକଡ଼ା ଶତପ୍ରତିଶତ ସେବା ଯୋଗାଇ ଦେବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଶିଶୁଙ୍କ ଅପୁଷ୍ଟି ଦୂର, ଅଙ୍ଗନବାଡ଼ି କେନ୍ଦ୍ର ତଥା ସ୍କୁଲଗୁଡିକରେ ପାଇଖାନା ତଥା ପାନୀୟ ଜଳ ବ୍ୟବସ୍ଥା, ଶିଶୁ, କିଶୋରୀ ତଥା ପ୍ରସୂତିଙ୍କ ସ୍ୱାସ୍ଥ୍ୟର ବିକାଶ, ସ୍ୱଚ୍ଛତା ତଥା ପୋଷଣଯୁକ୍ତ ଖାଦ୍ୟର ସୁବିନିଯୋଗ, କୃଷି ତଥା ପ୍ରାଣୀ ସମ୍ପଦର ନିରାପତ୍ତା, ସ୍କୁଲଗୁଡିକରେ ବାଳିକା ପାଇଖାନା ନିର୍ମାଣ ସମ୍ପର୍କରେ ଦୃଢ଼ ପଦକ୍ଷେପ ଗ୍ରହଣ ପାଇଁ ଆଲୋଚନା କରାଯାଇଥିଲା। ଏହି ସଂପୂର୍ଣ୍ଣତା ଅଭିଯାନ ଆସନ୍ତା ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି। ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ନାଏକ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ବିକ୍ରମ ନାୟକ, ଜିଲ୍ଲା ପ୍ରତିନିଧି ଏଡିଇଓ ଶ୍ରୀକାନ୍ତ ବେହେରା, ଜିଲ୍ଲା ପରିଷଦ ସଦସ୍ୟା ଛଇଳବାଳା ନାୟକ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡାକ୍ତର ପି ସତ୍ୟମ, ସିଡ଼ିପିଓ ସୀମା ଦାସ, ଜିପିଇଓ ବିଶ୍ୱନାଥ ମଲ୍ଲିକ, ବିଭିଓ ଡାକ୍ତର ସୁବ୍ରତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

## ଗାଡ଼ିଆରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୧।୨(ସମିସ): ଇଟା ଗଢ଼ିବାକୁ ଯାଇ ଜଣେ ୨୫ ବର୍ଷୀୟ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ କୋଠା ଘର ଗ୍ରାମର ବିଲ ଭିତରେ ଥିବା ଏକ ପଙ୍କ ଗାଡିଆରୁ ରବିବାର ଅପରାହ୍ନରେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ପାଟଣା ଥାନା ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଗ୍ରାମର ଡମ୍ବରୁଧର ମୁଦିଙ୍କ ପୁଅ ଶିବ ମୁଦି। ସେ କୋଠାଘର ଗ୍ରାମରେ ମାଟି ଇଟା ଗଢ଼ିବା ପାଇଁ ଗାଁର ଅନ୍ୟ ମିସ୍ତ୍ରିଙ୍କ ସହ ଯାଇଥିଲେ। ଏକ ଗାଡ଼ିଆକୁ ଶୌଚ ହେବା ପାଇଁ ଯାଇ ସେ ଆଉ ଫେରି ନଥିଲେ। ପରେ ତାଙ୍କର ସାଙ୍ଗ ଜଣେ ଆସି ଦେଖିଲାବେଳକୁ ଶିବଙ୍କ ଗୋଡ ପାଣିରେ ପଡ଼ିଥିବା ବେଳେ ଶରୀରର ଉପର ଭାଗ ଗାଡିଆର ଶୁଷ୍କ ଜମିରେ ପଡ଼ିଛି। ପାଟଣା ଅଗ୍ନିଶମ ବାହିନୀ ଓ ଘଟଗାଁ ଥାନା ପକ୍ଷରୁ ଥାନାଧିକାରୀ ଶୁଭ୍ରାଂଶୁ ଜେନା ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ଥାନାଧିକାରୀ ଶ୍ରୀ ଜେନା କହିଛନ୍ତି।

## କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୧।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଉଦୟପୁର ଛକ ନିକଟ ଦମୟନ୍ତୀ ସେଠୀଙ୍କ ବାଡ଼ିରେ ଥିବା କୂଅ ଭିତରୁ ରବିବାର ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ସାହାରପଡ଼ା ଫାଣ୍ଡି ପୁଲିସ ଏଏସ୍‌ଆଇ ପଞ୍ଚମୀ ମହାନ୍ତ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ଶବକୁ ଉଦ୍ଧାର କରି ତଦନ୍ତ କରୁଛନ୍ତି। ଯୁବକଙ୍କ ବୟସ ୩୦ରୁ ୩୫ ବର୍ଷ ହେବ। ପୁଲିସ ଶବକୁ କେନ୍ଦୁଝର ମର୍ଗହାଉସ୍ ରଖାଇଥିବା ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି।

## ତରା ରାଧାକୃଷ୍ଣ ମନ୍ଦିରରେ ମାଘ ପୂର୍ଣ୍ଣମୀ ଓ ହିନ୍ଦୁ ସମ୍ମିଳନୀ

ଘଟଗାଁ,୧।୨(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ତରା ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ହିନ୍ଦୁ ସମ୍ମିଳନୀ ମାଘ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ହୋଇଯାଇଛି। ଶହ ଶହ ହିନ୍ଦୁ ଭାଇଭଉଣୀ ଶୁଦ୍ଧପୂତ ଭାବେ ହନୁମାନ ଚାଳିଶା ସହ ନାମସଙ୍କୀର୍ତ୍ତନ ମଧ୍ୟରେ କଳସ ଯାତ୍ରା ସମାପନ କରିଥିଲେ। ମଞ୍ଚରେ ଘଟଗାଁ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ ପରିବେଷଣ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମଚାରୀ ବୈଦ୍ୟନାଥ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମଞ୍ଚରେ ଆର୍‌ଏସ୍‌ଏସ୍ କେନ୍ଦୁଝର ଜିଲ୍ଲା ସଭାପତି ମଦନ ମୋହନ ଦ୍ୱିବେଦୀ, ଓଡିଶା ପ୍ରାନ୍ତ ପ୍ରଚାରକ ଗଣେଶ୍ୱର ସାହୁ, ବିଶ୍ୱ ହିନ୍ଦୁ ପରିଷଦ ଘଟଗାଁ ଶାଖାର ସଭାପତି ସୁରେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ଘଟଗାଁ ଶିଶୁ ମନ୍ଦିର ପ୍ରଧାନଗୁରୁଜୀ ଶୁକଦେବ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାବିତ୍ ପରମେଶ୍ୱର ବେହେରା ଧନ୍ୟବାଦ ଦେଇଥିଲେ। ଘଟଗାଁ ଆର୍‌ଏସ୍‌ଏସ୍ ସଭାପତି ଦୁର୍ଯ୍ୟୋଧନ ମହାନ୍ତ ସଂଯୋଜକ ଥିବାବେଳେ ସଦସ୍ୟ ଅଜୟ ବେଜ, କଳ୍ପତରୁ ଦାସ, ଗୋବର୍ଦ୍ଧନ ରାଉତ, ଅଶୋକ ନାଥ, ଖଗେଶ୍ୱର ମହାନ୍ତ, ଅଜୟ ମହାପାତ୍ର, ଯୁଧିଷ୍ଠିର ଦାସ, ଶରତ ବେଜ, ସଦାଶିବ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସମ୍ମିଳନୀରେ କେନ୍ଦୁଝର ସାଂସଦଙ୍କ ପତ୍ନୀ ଲବଙ୍ଗଲତା ନାଏକ, ରାଜ୍ୟ ବିଜେପି ସମ୍ପାଦିକା ମମତା ସିଂହ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦୁଝର ଜିଲ୍ଲାର ବିଭିନ୍ନ ମଣ୍ଡଳ ଓ ଜୋନ୍ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



### ବଜେଟ୍ ପ୍ରତିକ୍ରିୟା..



ବଜେଟ ନୈରାଶ୍ୟଜନକ। ସାଧାରଣ ଜନତାଙ୍କ ପାଇଁ କିଛିନାହିଁ। ନିଯୁକ୍ତି କ୍ଷେତ୍ରରେ ସ୍ୱଷ୍ଟତା ନାହିଁ। ମୋ ମତରେ ଚଳିତ ବଜେଟରେ ବିଶେଷ କିଛି ନାହିଁ। ବେକାର ଯୁବକଯୁବତୀ ଏହି ବଜେଟ୍‌କୁ ନେଇ ନିରାଶ ହୋଇଛନ୍ତି। ସାଧାରଣ ଜନତା ଏବଂ ଚାଷୀବର୍ଗଙ୍କ ପାଇଁ ଅନେକ କିଛି ରହିଥିବା କୁହାଯାଉଥିଲେ ମଧ୍ୟରେ ବିଶେଷ ନାହିଁ। ଆୟକର ସ୍ଲାବ୍‌ରେ କିଛି ପରିବର୍ତ୍ତନ ନାହିଁ। ତେଣୁ ବଜେଟ ନୈରାଶ୍ୟ ଜନକ ବୋଲି ମୋର ମତ।

- ଉତ୍ତମ କୁମାର ସାହୁ, ସଭାପତି, ସଦର ବ୍ଲକ କଂଗ୍ରେସ, କେନ୍ଦୁଝର



ଏଇ ବଜେଟରେ ନୂତନତ୍ୱ କିଛିନାହିଁ। ବେତନଭୁକ୍ତଙ୍କର ଆଶା ଅନୁସାରେ କିଛିନାହିଁ। କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଗାମୀ ଆର୍ଥିକ ବର୍ଷର ବହୁ ପ୍ରତୀକ୍ଷିତ ବଜେଟ ଉପସ୍ଥାପନ କରିଛନ୍ତି। ଏଥିରେ ଅନେକ କ୍ଷେତ୍ରରେ ଅର୍ଥ ବ୍ୟୟ ବରାଦ ହୋଇଛି। ତେବେ, ଗତବର୍ଷ ବଜେଟ ଆବଣ୍ଟନର ଅର୍ଥ ଖର୍ଚ୍ଚ ହୋଇପାରିନାହିଁ। ଏଭଳି ହେଲେ କେବଳ ବଜେଟରେ ଅର୍ଥ ବରାଦ ହୋଇରହିବ, ମାତ୍ର ତଳ ସ୍ତରରେ ଏହା କାମରେ ଲାଗିବ ନାହିଁ। ନିଯୁକ୍ତି କ୍ଷେତ୍ରରେ ସିଧାସଳଖ କିଛି କୁହାଯାଇନାହିଁ।

- ଡ. ବିମ୍ବାଧର ବେହେରା, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଗବେଷକ, କେନ୍ଦୁଝର

